ନିଃସ୍ୱ ମାଟିର ସ୍ୱର



ସାଇ ଯମୁନା ପବ୍ଲିକେଶନ୍ସ
ଝାଞ୍ଜିରି ମଙ୍ଗଳା, କଟକ

ନିଃସ୍ୱ ମାଟିର ସ୍ୱର
ବିଷ୍ଣୁ ସେଠୀ,
କୁଆଁସ, ଭଦ୍ରକ
ଯୋଗାଯୋଗ - ୯୪୩୭୦୫୧୦୯୦

ପ୍ରକାଶକ:
ଶ୍ରୀ ଚନ୍ଦ୍ରମଣି ଭୂୟାଁ
ସାଇ ଯମୁନା ପବ୍ଲିକେଶନ୍ସ
ଝାଞ୍ଜିରି ମଙ୍ଗଳା, କଟକ -୯

ପ୍ରଥମ ପ୍ରକାଶନ : ୨୦୧୫
ଦ୍ୱିତୀୟ ପ୍ରକାଶନ : ୨୦୨୧

ପ୍ରଚ୍ଛଦ ଓ ଅଳଂକରଣ - ଚୂଡ଼ାମଣି ଦାସ

ଲିପି ସଂଯୋଜନା : ରବୀନ୍ଦ୍ର ମହାପାତ୍ର
ମା' ସନ୍ତୋଷୀ କମ୍ପ୍ୟୁଟର, ଭଦ୍ରକ

ମୁଦ୍ରଣ : ସାଇ ଜଗନ୍ନାଥ ପ୍ରିଣ୍ଟିଂ ପ୍ରେସ୍
ଖ୍ରୀଷ୍ଟ କଲେଜ ରୋଡ଼, କଟକ

ଲେଖକଙ୍କ ଦ୍ୱାରା ସର୍ବସତ୍ୱ ସଂରକ୍ଷିତ
ମୂଲ୍ୟ - ୧୨୦/-
(ଏକ ଶତ କୋଡ଼ିଏ ଟଙ୍କା ମାତ୍ର)

ଉତ୍ସର୍ଗ

ଲୁହରେ ଲୁହରେ ଭିଜି ଭିଜି
ହଜି ଯାଇଥିବା ମୋ 'ବଉ'
ଏକାକୀତ୍ୱରେ ସିଝି ସିଝି ଯାଉଥିବା
'ବାପା'ଙ୍କୁ

ଚିରଋଣୀ - ବାବୁଲି

ଦ୍ୱିତୀୟ ସଂସ୍କରଣରେ ନିଜକଥା

କବିତା ବି ମୋ ଦେଇ ହେବ - ଏକଥା ବିଶ୍ୱାସ ହେଲା ଯେତେବେଳେ କବିତା ସଂକଳନ 'ନିଃସ୍ୱ ମାଟିର ସ୍ୱର' ଆଉଥରେ ଛାପା ହେବା କଥା ପ୍ରକାଶକ ମହୋଦୟ ଜଣାଇଲେ । ଦିନସାରା ରାଜନୀତି, ସାହିତ୍ୟ ମୋ ପାଇଁ ସାରାରାତି ନ୍ୟାୟରେ ଜଣଙ୍କୁ ଛାଡ଼ିଲେ ବି ମୋର ପରିଚୟ ନିରର୍ଥକ ଯଦିଓ ସେଇ ଦୁଇଟି ପ୍ରାୟତଃ ବିପରୀତମୁଖୀ । ତଥାପି ଜଂଜାଳ ଜୀବନରେ ଜଣେ ପ୍ରେମିତା ହେଲେ ଅନ୍ୟଟି ବିବାହିତା ପତ୍ନୀ । ଯେଉଁ ମାର୍ଗରେ ଯିଏ ବୁଝିବ, ସେଇ ଢ଼ଂଗରେ ଚଳାଇଛି ।

ଅନିଚ୍ଛାକୃତ ତ୍ରୁଟି ମାର୍ଜନା କରିବାକୁ ସମସ୍ତ ସାହିତ୍ୟମଗ୍ନ ମଣିଷମାନଙ୍କୁ ନିବେଦନ ।

ବିଷ୍ଣୁ ସେଠୀ

ଗଣେଶ ଚତୁର୍ଥୀ
୧୩ । ୦୯ । ୨୦୧୮

ସୂଚୀପତ୍ର

ସଂଖ୍ୟା		ପୃଷ୍ଠା
୦୧.	କବି	୭
୦୨.	ଭୋଜବାଜିରେ ଦିନରାତି	୯
୦୩.	ପରଦା	୧୨
୦୪.	ଆଇଁଷ	୧୩
୦୫.	ପଣତ ତଳେ	୧୪
୦୬.	ମରଣ	୧୬
୦୭.	ଶଠଖେଳ	୧୮
୦୮.	ରାଜରାସ୍ତା	୨୦
୦୯.	ଗଛରେ ଗଛରେ	୨୨
୧୦.	ହରିଜନ ନାବାଳିକା	୨୪
୧୧.	ସରବଜିତ୍	୨୬
୧୨.	କବିତାର ରୂପରଙ୍ଗ	୨୮
୧୩.	ହରିଣ ନ ଦିଏ ଧରା	୩୦
୧୪.	ଆଦ୍ୟାରମ୍ଭ	୩୧
୧୫.	ଜୈବିକ	୩୨
୧୬.	ରାତି	୩୩
୧୭.	ମୋ ଗାଆଁର ଦୃଶ୍ୟ	୩୫
୧୮.	ମାଟିର ମାଆ	୩୭
୧୯.	ବନ୍ୟା	୩୮
୨୦.	କବିର ଠିକଣା	୩୯
୨୧.	ପ୍ରତାରଣା	୪୧
୨୨.	ଧ୍ରୁପଦ	୪୩
୨୩.	ରାସ୍ତା	୪୪
୨୪.	ବଂଧୁ, ବଂଧକ, ବଂଧୁକ	୪୫
୨୫.	ସଂତକ	୪୭
୨୬.	କବି-୧	୪୮
୨୭.	ଦୃଶ୍ୟତା	୫୦
୨୮.	ଯୋଗୀପୁଅ	୫୧
୨୯.	ମରୁଡ଼ି	୫୨
୩୦.	ପିପାସା	୫୪
୩୧.	ଲୁହ	୫୫
୩୨.	ଭୂତ	୫୭
୩୩.	ଜୀବନ	୫୯
୩୪.	ଅପେକ୍ଷା	୬୦
୩୫.	କାକୁସ୍ଥ ସମାୟ	୬୨
୩୬.	କେବେ ତମେ ହସିବ ଈଶ୍ୱର	୬୪
୩୭.	ସପସାପ	୬୭
୩୮.	ନିର୍ଜନ ପଣ	୬୯
୩୯.	ବିପିଏଲ୍ ମଣିଷ	୭୧
୪୦.	ବର୍ଷା ନ ଥିଲେ	୭୩
୪୧.	ବିଘେ ଜମି	୭୫
୪୨.	ବେକାଇଦା	୭୭
୪୩.	ଖବରକାଗଜ	୭୮
୪୪.	ସିଢ଼ି ଓ କଲିଜା	୮୦
୪୫.	ମାଆ	୮୧
୪୬.	ନାରାୟଣ	୮୩
୪୭.	ହତ୍ୟା	୮୪
୪୮.	ଧାତବ	୮୫
୪୯.	ମୁକ୍ତି	୮୭
୫୦.	ନାଟ୍ୟରୂପ	୮୯
୫୧.	ଯୌବନ	୯୦


୫୨. ଆବରଣ	୯୨
୫୩. ନର୍କ ସଂପର୍କ	୯୪
୫୪. ମେଘରେ ମେଘରେ	୯୬
୫୫. ତ୍ରିପଦ	୯୭
୫୬. ବିହିତ	୯୯
୫୭. ଦୁର୍ଗାମାନେ	୧୦୦
୫୮. ପ୍ରଥମ ପ୍ରଥମ ପ୍ରେମ	୧୦୨
୫୯. ବଂଧୁ	୧୦୩
୬୦. ନାରୀ ପରି ନଈ	୧୦୪
୬୧. କେମିତି ଅଛନ୍ତି ଈଶ୍ୱର	୧୦୬
୬୨. ବର୍ଷା ବିହୁନେ	୧୦୮
୬୩. ଡ୍ରାମା	୧୦୯
୬୪. ସମାପ୍ତି	୧୧୧
୬୫. ପଦେ ପାଦେ	୧୧୩
୬୬. ଦାରୁ ଦେବତା	୧୧୪
୬୭. ଯାବନିକ	୧୧୬
୬୮. ଖୁବ୍ ଲମ୍ବା ରାତି	୧୧୮
୬୯. କା'	୧୨୦
୭୦. ଏକ ସଂପାଦକୀୟ କବିତା	୧୨୧
୭୧. କେବେ କେବେ ଈଶ୍ୱର ବି ମୁଦେଇ	୧୨୩
୭୨. ବାପା	୧୨୫

କବି


ଗିଇ ସତ୍ତାରେ
ମୁଁ ଚିରକାଳ
ସମ୍ମୋହିତ - ଅନ୍ତଃସତ୍ତ୍ୱା
ଅକ୍ଷରମାନେ
ଭ୍ରୁଣପରି ବାଇଜୀ ଗର୍ଭରେ ଆତଯାତ ॥

ଦଶମାସ ଦଶଦିନ
ଉତ୍ତୁରିଗଲେ
ଶବ୍ଦମାନଙ୍କର ଏକ୍ସ, ୱାଇ
କ୍ରୋମଜୋମ
ମୋ ମସ୍ତିଷ୍କ ଗର୍ଭରୁ
ଖଣ୍ଡେ କାଗଜର ଏନ୍ତୁଡ଼ିଶାଳାରେ
ଭୂମିଷ୍ଠ ହୁଅନ୍ତି ॥

ଲାଳ ସର ସର
କବିତା ଶିଶୁଟିକୁ
କେଉଁ ଧୂରନ୍ଦରା ଧାଈ
ପୋଛି ପୋଛି ପୁଣି
ଫେରାଇ ଦିଏ ମୋ କୋଳକୁ
ପ୍ରକାଶିତ ପତ୍ରିକା ଆକାରରେ
ଯାହା ମୁହଁ ଦେଖୁ ଦେଖୁ
ଆପଣେଇ ନିଏ
ମୋ ମୁକୁଳା ଛାତିର
ଢ଼ଳଢ଼ଳ ପର୍ବତ ॥



ମୁଁ ଜାଣେ ମୋ





❐❐❐

ଭୋଜବାଜିରେ ଦିନରାତି


ସମୟ: ଏବେ ଏକ୍‌ଲା ରାସ୍ତାର ବାର୍ଦ୍ଧକ୍ୟ ମଣିଷ

ଫର୍ଚ୍ଚା ଆକାଶରେ ଟିଟିଭର କରୁଣ ସ୍ୱରରେ
ଯାତାୟତ ଅଦୃଷ୍ଟ ନିଃଶ୍ୱାସ
ଘୁଣ ଖାଉଛି ମୁହୁର୍ମୁହୁଃ
ମୁନ୍ମୟ ଛାତିର ଅକ୍ଷାଂଶ - ଦ୍ରାଘିମା
ନିଦ - ଭୋକ - ମୈଥୁନ ହୋଇଗଲେଣି
ଅଦୃଶ୍ୟକରଣ ॥

ସରକାରୀ ଆଲୁଅ କେତେ ହଟାଇପାରେ
ରାସ୍ତା ଛାତିର ଅଧାଡ଼ିଆ ଅଂଧାର !
ପଛରୁ ଆସୁଥିବା ଗାଡ଼ି ଶବ୍ଦରେ ବି
ଅଂଧାର ଚାଲୁଥାଏ
ଆଲୁଅ ଆସିବାଯାଏ

ଜେଜେମାଆ ପରି ଗଛର ଡ଼ାଳପତ୍ରମାନେ ଡ଼ାଙ୍କି
ଦେଇଥାନ୍ତି ବୁଢ଼ୀ ଅସୁରୁଣୀକୁ
ଜହ୍ନ ଆଲୁଅରେ ବାଗ୍‌ଦାଦ ସହର
ଶୂନ୍‌ଶାନ୍‌ ଛାତ ଉପରେ
ଆକାଶର ଛାତି ଓ ତାତି ॥

‘ସେମାନଙ୍କ’ ସେକ୍ସରୁ ଆମର ଯେ’
ଇଡ଼ା, ପିଙ୍ଗଳା ଅନ୍ତନାଡ଼ି, ଆମ କବିପଣ
ସେମାନେ ଆଜି ସର୍ବେ ଅନ୍ତର୍ଦ୍ଧାନ
ପୋଛିବାକୁ ଲୁହ କିମ୍ବା କୋହ
ଯାହା ଦିନେ ଦେଇଥିଲେ ଆମକୁ ସେମାନେ
ଉତ୍ତରାଧିକାରୀ ସୂତ୍ରେ




ବିନ୍ଦୁଏ ରେତ ଓ ରଜ ବିନ୍ଦୁର ନକ୍କାରେ
ଆମ ନାଭି-କମଳ ॥

'ମୁଁ' ବୋଧେ ସେଇ କବଂଧ, ମାଦଳ
ନା ଥାଏ ଗୋଡ଼ହାତ
ନା ଅଛି ବଂଚିବାର ମୋହ ଚିରକାଳ ॥

ଆସାମର କୋକ୍ରଝରରେ କେହି କାହାରିକୁ
ବିଦା କରୁନି । ବେଂଗାଲୁରୁ, ହାଇଦ୍ରାବାଦରୁ
କେହି ନିଜେ ନିଜେ ବିଦା ହୁଅନ୍ତି ବାଗଦାଦ୍ ସହରକୁ
ମାଟି, ପାଣି, ପବନ, ଆକାଶ ଓ ନିଆଁ ଟିକକରେ
ସାମାନ୍ୟ ନଥାଏ ଅଦୃଶ୍ୟ ପୁରୁଷାକାର ॥

ଶଃ ! ଥାନି ବେଥାନି ହେଲେ
ନାଗା ମଠ ମାଇଲେ ।
ଲୁହା, କୋଇଲା କାହାର ?
ଦଖଲ କରୁଛି କିଏ
ମୋହିନୀ ବେଶରେ ବଣ୍ଟା ଚାଲିଛି
ଅଦେଶ୍ୟ ଅମୃତ
ଜଙ୍ଗଲେ କାଠକୁ - କୁର୍ସି ଖଣ୍ଡେ
ଜାହାଜେ ଲୁହାକୁ - ଛୁଂଚି ଗୋଟେ
ରାତିଏ ଦୁଃଖକୁ - ଲୁହଟୋପେ ॥

ପ୍ରମିଳାପାଢ଼ୀ ଲେଡ଼ି କନେଷ୍ଟବଲ୍
ମାଡ଼ ଖାଇଲା ତ ଖାଉ
କେନ୍ଦୁଝର ଟ୍ରକ ମାଲିକ
ମରିଗଲା ତ ମରୁ
ଶିବାନୀ ନାୟକ ମୁମ୍ବାଇର କ୍ୟାନ୍‌ସର ୱାର୍ଡ଼ରେ
ଶୋଇଛି ତ ଶୋଉ




ଯେ' ସବୁ ମାୟା ଦର୍ପଣ ଅନ୍ଧାରୀ ମୂଲ୍ୟାଙ୍କନ ॥

ଦେଖ ! ଦେଖ ମେଂଚେ ବେସାହାରା ମଣିଷ ପିଲାଙ୍କର
ଅଜସ୍ର କଟାହାତ
ଅସ୍ତମିତ ପେଜୁଆ ଆଖିରେ ସେମାନେ
'ଜଗନ୍ନାଥ'ଙ୍କ ଦାଣ୍ଡପିଣ୍ଡାରେ
'ଆମରଣ ଅନଶନ'ର ବ୍ୟାନର ସାମ୍ନାରେ ଭୋକ ହଡ଼୍‌ତାଳ
ବସେଇ ଦେଇଛି କେଉଁ ଏନ୍‌ଜିଓ ॥

ପୁଣି ଦେଖ ! କ୍ୟାମେରା ଆଗରେ ବାଇଟ୍ ଦେବାକୁ
ମୁଣ୍ଡ କୁଣ୍ଡେଇ, ତେଲ ଜକଜକ ମଥାରେ
ଫତେ ସିନ୍ଦୂର ପିନ୍ଧି, ଟିକିଲି ଲଗାଇ
ଠିଆ ହୋଇଛି ଅଙ୍ଗନବାଡ଼ି କେନ୍ଦ୍ରର
ଭଂଗା କାନ୍ଥ ତଳେ ଆଉ
କାନ୍ଦୁ ନ ଥିବା ଶିଶୁଟିର ମାଆ ॥

ଏଠିପା'
ଅର୍ଜୁନଙ୍କୁ ଡ଼ାକିଲେ ଶ୍ରୀକୃ
ହେଲେ ଶିଖାଇ ଦେଲେ
"ମାୟା ଛାଡ଼, ମାୟା ଛ



ପରଦା

ସବୁ ନିଶୂନ ରାତିର କଅଁଳ ଓଠରେ
ଶୁଭୁଥାଏ କଳଙ୍କର ଗଜଲ
ଆକାଶର ଜହ୍ନରୁ, ଗାଁ ଝୁପୁଡ଼ିରୁ ॥

ଭୋକ ଦାଉରେ ତଫାତ୍ ରହେନା
ପେଟ ଓ ପେଟ ତଳର ନକ୍ସା ॥

ନୀତି - ନୈତିକତାର ଭାଗବତ - ବାଣୀ
ଭାଗବତର ନିର୍ଦ୍ଦୟ ଇଲାକାରେ ଧକେଇ ହୁଏ ॥

ବଡ଼ପଣା ବୋଲି ଯେଉଁମାନେ ଆଖ୍ୟାତ
ସେଇମାନେ ପିନ୍ଧିଥାନ୍ତି ଧୋକାବାଜିର ମାସ୍କଟ୍
ସେଇମାନେ କେବଳ ସ୍ପର୍ଶ କରିଥାନ୍ତି
ଠାକୁରଙ୍କ ପାଟ, କ୍ଷୁଧିତାମାନଙ୍କର ତଳିପେଟ
ସଂସାରଯାକ ଲୁଟପାଟ୍ ତୁମେ ଆମେ ଛଟପଟ ॥

କେତେକାଳୁ ଚାଲିଛି ବାଇଜୀ ହାଣ୍ଡିରେ
ନିର୍ମାଲ୍ୟର ପ୍ରହସନ । କେତେକାଳୁ ସଂଯତ ମନରେ
ଧରିଯାଏ ଘୁଣ
"ହେ ସୁଧୀଜନେ ! ଶୁଣ ଦେଇ ମନ - କର୍ଣ୍ଣ
ଶ୍ରବଣ ମାତ୍ରକେ ପାପ ହେବ ବିମୋଚନ"
ଡ଼ାକରା ଛାଡ଼ନ୍ତି ଡ଼ାହୁକେ ପୋକସାଲୁବାଲୁ ପ୍ରାଣେ
ଦେଇ ଦ୍ୱାହି ଗୀତା - ରାମାୟଣ ॥



ତୁମ ପାପର ପୀଡ଼ିତା ପାଲଟେ ପତିତା
ପତିତପାବନ ଦର୍ଶନରେ ପବିତ୍ର ହୁଏ
ପାମର ଶରୀର ଓ ମନ । ଘିଅ, ଝୁଣା, ଦୀପର କଲ୍ଲୋଳେ
ଧୋଇଯାଏ ସବୁ ପୂଜ - ରକ୍ତ
ଆସ୍ତେ ଆସ୍ତେ ନିଶ୍ଚିହ୍ନ ହୁଏ ଗଛରୁ ମୂଳରୁ
ଗହନ ସତ୍ୟର ଗଜାଟିଏ କାଳ - କାଳ ॥

❐❐❐

ଆଇଁଷ

କ୍ଲାନ୍ତ ପ୍ରଜାପତି ପରି ଓହଳି ପଡ଼ିଛି
ମଦନିର ଶବ ସାଆନ୍ତଙ୍କ ଝାଡ଼ ଜଙ୍ଗଲରେ
ଅଚ୍ଛବ ଲୋକ ତ ! ନାଶ୍‌କାର କରିବ କିଏ
ନଈ ସେପାରି ସାଇଭାଇଙ୍କୁ ବେଉରା ଗଲେ ବି
ପାଚେରୀ ପାଖରେ ଶାଙ୍କୁଡି ଯାଉଛି
ନିରନ୍ନ ଭାଇଆରାଙ୍କ ପାଦ ॥

ପିଆଦାମାନେ ତ ମୂର୍ତ୍ତିମନ୍ତ କଳନ୍ତର ସୁଧ
ଯାଉଣୁ - ଆସୁଣୁ ତାଗିଦା, ଚାବୁକ ପ୍ରହାର ॥
ଆମ କାନ୍ଧ ଗାମୁଛା : ତୁମ ପାଦ ପାପଛ
ଆମ ଦେହ ରକତ : ଜେମାମଣିଙ୍କ ପାଦର ଅଳତା
ଆମ ନିଃସ୍ୱ ନିଃଶ୍ୱାସ : ହଜୁରଙ୍କ ବଡ଼ ପଣର ଉଶ୍ୱାସ
ଯେମିତି ଆମେ ଉଧେଇଛୁ ସାରା ଜନମ ଗାଇବାକୁ
ବେଠି ଗୀତ । ଆମ ଘର କୋରକ ପାଇଁ ଆମେ
ବଜାଉ ଆମରି ବାଇଦ ॥
ଆମ ଚାଳ ବାଉଁଶ, ଆମ ଘର ଆସବାବ
ଆମ ଝିଅ ବୋହୂଙ୍କର କଂଚା କଂଚା ମାଉଁସ
ଭାରି କୁଆଡ଼େ ଆଇଁଷ ।
ମଦନି : ଛଅହାତ ଜୁଆନ ଜବର ମଲାଦେହ
ରାନ୍ଧୁଣୀ ଗାଧୁଆ ବେଳଯାଏଁ ଝୁଲୁଛି ତ ଝୁଲୁଛି ନିମ୍ନଗଛରେ
କାଲି ରାତିରେ ସାଆନ୍ତଙ୍କ ସାନଝିଅ ଝାଡ଼ ଜଙ୍ଗଲରୁ
ପିଆଦାଙ୍କ ହେପାଜତ୍‌ରେ ଉଆସକୁ ଫେରିଛି :
ପାପଗର୍ଭର ବାପକିଏ
ଏବେ ଚାରିଆଡ଼େ ଉଲୁଗୁଣା ଚାଲିଛି ।




❐❐❐

ପଣତ ତଳେ

ସବୁଥର ଆସିଲାବେଳେ ତୁମର ହସ ହସ ମୁହଁ
ସବୁଥର ଫେରିଲାବେଳେ ଛାତିରେ ଛାତିଏ କୋହ ॥

ଲୁହ ଝରୁଥାଏ ମୃଣ୍ମୟ ମୂର୍ତ୍ତୀରୁ
ନିଗିଡ଼ି ପଡୁଥାଏ ଥୋପା ଥୋପା ଲୁହ
ରଂଗ କାଗଜ,
ମଇଦା ଅଠାର ଦେହରୁ
'ମାଆ' ବୋଲି ମଣିଷ ଠିଆ ହୋଇଛି କି ଛାଂଚ ଆକାରରେ
'ମେଢ଼' ବୋଲି ଜାଗାରେ
କି ଗାଈଗୋରୁ ସହିତ ନଦୀବନ୍ଧ
ପଲିଥିନ୍ ତଳେ ॥

ଏବେ ଦିନ ରାତି ଏକ
ଅପେକ୍ଷା : ଶୂନ୍ୟ ଆକାଶରେ କେବେ ଶୁଭିବ
ଘୁଁ ଘୁଁ ଶବ୍ଦ
କେବେ ଶୂନ୍ୟ ଶୂନ୍ୟ ମହାଶୂନ୍ୟରୁ ଖସିବ
ମାଆର କ୍ଷୁଧାର୍ତ୍ତ ଶାବକମାନଙ୍କ ପାଇଁ
ରିଲିଫ୍ ସାମଗ୍ରୀ ॥



ମୃଣ୍ମୟୀ ମାଆ ଏବେ ନଦୀର ଗଭୀର ଗଣ୍ଡରେ
ଜଳାର୍ଣ୍ଣବ ବନ୍ୟା ଘେରରେ ଆଉ ଏକ ମାଆ ॥

'ମାଆ' ଶବ୍ଦଟି କ'ଣ ଏମିତି
ଜନ୍ମକାଳୁ ଚିରକାଳ ବନ୍ଦିନୀ ଦେବକୀ
ବ୍ୟାଧ ଫିସାଦିର ନିରୀହ ମୃଗୁଣୀ
ଶିଶୁକନ୍ୟା ଠୁ ବୃଦ୍ଧା ମାଆ ଯାଏ
ଘେରିଥିବେ ଚତୁଃପାର୍ଶ୍ୱେ ମହିଷମାନଙ୍କର



ବିକଟାଳ ରୂପ ଆଉ ରିପୁ
ଶୁଭୁଥିବ ଟହଟହ ହସ
ରକ୍ତରଂଜିତ ଅଂଗବସ୍ତ୍ର ॥
ନଦୀକୁ ଫେରେ ମାଆ ବିସର୍ଜନ ଆଳରେ
ଭୁବନେଶ୍ୱର ସରକାରୀ ବସାଘରୁ ମାଆ ଫେରେ
ଭୁବନ ଗାଁର ଛାଳଛପର ଗାଁକୁ
ଯେଉଁଠି ନିଷ୍ପାପ ଭାବେ ନିଃଶ୍ୱାସ ନେଉଥାନ୍ତି
ଜହ୍ନି, କାକୁଡ଼ି ଓ ବୋଇତି କଖାରୁ ।

ମାଆକୁ ଚଢ଼େଇ ଦେଲେ ଗାଁ ଯାଉଥିବା
ଫାଷ୍ଟ ବସ୍‌ରେ କିଛି ତେଜରାତି ସଉଦା ସହ
ଧଳା କସ୍ତା ଶାଢ଼ୀ ଖଣ୍ଡେ
କିମ୍ବା କୌଣସି ଜରାଶ୍ରମର ଜହରୀ
ଜୀବନ-ଘରକୁ,
ମାଆକୁ ଉଝେଇ ଦେଲେ ମହାନଦୀ, କାଠଯୋଡ଼ିର
ଗଭୀର ଗଣ୍ଡରେ ସାତଘେରା ଘୂରି ଘୂରି
ସବୁ ଦୋଷ ମାପ୍
'ମାଆ' ବୋଲି ଜଂଜାଳରୁ ମୁକ୍ତି । ବୁଦ୍‌ବୁଦ୍ ପାଣି ଫୋଟକାରେ
ଲୀନ ହୋଇ ଯାଉଥିବ ଷଠୀଘର
ନାହି କଟା ସଂପର୍କର ଅଲିଖିତ ଚୁକ୍ତି ॥

❐❐❐

ମରଣ

ପୋଲ ତଳେ ଘର
ଘର ଭିତରେ ଚୁଲି
ଚୁଲି ଉପରେ ହାଣ୍ଡି
ହାଣ୍ଡିରେ ଫୁଟେ ଚାଉଳ
ଅପେକ୍ଷାରେ ଦୁଇ ଜୀବନ ।

ପୋଲ ଉପରେ ଯାଉଛି ଗାଡ଼ି
ଗାଡ଼ି ଭିତରେ ମଣିଷ
ମଣିଷ ଚଳାଏ ଗାଡ଼ି
ଗାଡ଼ିରେ ଅଛି ଜୀବନ
ଧକ୍କା ଲାଗିଗଲେ
ନିମିଷକେ ଲହୁ-ଲୁହାଣ ।

ପୋଲ ତଳେ ତଳେ ନଈ
ନଈରେ ଆସିଲେ ବନ୍ୟା
ଜନଶୂନ୍ୟ ହୋଇଥାଏ
ଅଖା ଟଙ୍ଗା ଘର ।

ପୋଲ ଉପରେ ଯାଏ ବଡ଼ଗାଡ଼ି
ସତେକି ଆକାଶରେ ଘଡ଼ଘଡ଼ି
ତଥାପି ଶୋଇଥାନ୍ତି ଦି'ଜଣ
ଜଣେ ଜଣକର ଛାତିରେ ମୁହଁ
ନିଃସଙ୍ଗ ଚଦର ହୋଇଛି ଘୋଡ଼ି ॥

ଛାଡ଼ିଗଲେ ବନ୍ୟା
ପୁଣି ଭିଟାମାଟିକୁ ଫେରିଲା ପରି
ପୋଲ ତଳ ଅଖା ଘରକୁ




ଫେରନ୍ତି ଦି'ଜଣ ।
ପୁଣି ବାଜେ ବାଜା, ହାତରେ ଝୁମୁକା
ଠେଲା ଗାଡ଼ିରେ ଜଣେ ଠେଲୁଥାଏ
ଆର ଜଣକୁ
ଆଗକୁ ଆଗ, ରାସ୍ତା ସରିବାଯାଏ ।

ରାସ୍ତାକ'ଣ କେଉଁଠି କେବେ
ସରେ ?
ଯେଉଁଠି ସ
ଆରମ୍ଭ ହୁଏ

ରାତି ପାହି
ପୋଲିସ୍ ଆ
ମଣିଷ ମରି
ମାଇପିଟିର
ଦେହରେ ନ

ଡ଼ାକ୍ତରଖାନା
ଖବରଦାତା
ସେ କହି
କୁଷ୍ଠରୋଗୀ
କାହିଁକି ମାଇ
ଇନ୍‌କ୍ୱାରୀ ନି



ଶଠ ଖେଳ

ଗଛ ଛାଇ ଓ

ମଣିଷର ହାଇରେ
କଅଁଳିପାରେନା
କୌଣସି ନିଶ୍ଚିତ ସକାଳ
ଛାଇ ଯଦିଓ ବଚନବଦ୍ଧ
ଚାଲିବାକୁ ଜୀବନ ତମାମ ॥

ଗଛ ତ ଚିରକାଳ ଛାଇ ମେଲି ଦେଇ
ପଥଶ୍ରାନ୍ତ ପଥିକର ଉଦାସପଣକୁ ।
ଚାରିଆଡ଼େ ଏତେ ଡ଼ହ ଡ଼ହ ଖରା
ଘଣ୍ଟା ଘଣ୍ଟା ଶିଝିବାରେ ଅଭ୍ୟସ୍ତ
ଗଛଟିଏ,
ରୀତିମତ୍ ଲଢ଼େଇ ସୂର୍ଯ୍ୟଙ୍କ ସହିତ
ତା'ପରେ ବି ଅପବାଦ ॥

କେଉଁ ଆଳସ୍ୟ ଲଗ୍ନରେ ଛାଇର ମୋହ
ହାତଛନ୍ଦି ମଣିଷ ଯେ ମାରୁଥାଏ
ହାଇ ?
ତାକୁ ପଚାରିବା ଦର୍କାର କ'ଣ
ପଚାରିଦେଲେ:
ଅଧା ରାସ୍ତାରେ ଅଟକିଯିବ ହାଇ
ଗଛ ମୂଳରୁ ଉଭେଇଯିବ ଛାଇ ।

ସୂର୍ଯ୍ୟଙ୍କ ପରଶ ଯୋଗୁଁ
ନିରୀହ ଗଛଟିର ଛାଇ ଛାଇ ଖେଳ
କାରଣ ଗଛମାନେ ଠିଆ ହୋଇଥାନ୍ତି



ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ
ଟ୍ରାଫିକ୍ ପୋଲିସ୍‌ଙ୍କ ଦୁଃଖରେ
ମଣିଷ: ସ୍ୱାର୍ଥର କବଚ ବେକରେ ଝୁଲାଇ
ଛାଇ ସହ ଚଉଷଠି ମୁଦ୍ରାରେ
ମୈଥୁନ ରଚଇ ॥

ଛାଇ : ମଣିଷକୁ ଛାଇ ଯେମିତି ଚିହ୍ନିଛି
ସେମିତି ନାଚଇ
ସେମିତି ନଚାଇ
ପୁଣି ନିଜ ଭିତ
ଅନ୍ତର୍ଦ୍ଧାନ ହୁଅଇ

ଗଛ: ମଣିଷ ଓ ଛାଇ
ରତିକ୍ରୀଡ଼ାରେ
ଆଖି ଖୋଲିଲେ
ନ ଥାଏ ମଣିଷ
ନ ଥାଏ ଛା
ନଥାଏ ମଧ୍ୟାହ୍ନ
ଅସ୍ତାଚଳର
କରୁଣ ଗୋଲା
ନଇଁ ଯାଉଥାନ୍ତି




ରାଜରାସ୍ତା

ନିର୍ଲିପ୍ତ ବେଶ୍ୟାପଣରେ
ଶୋଇଛି ରାଜରାସ୍ତା ।
ସମ୍ଭୋଗରେ ମତୁଆଲା
ଧନୀ, ନିର୍ଦ୍ଧନୀ ଯାନବାହନ
ରକ୍ତ ଜୁଡୁବୁଡୁ
ଛେଚରା ଦେହକୁ ନିଘା ନଥାଏ ତାର' ॥

ଲାଲ୍ ପତାକା ଲାଗିଛି
ଦରବୁଢ଼ୀର ପାଦର ଅଳତା ପରି
ଭଙ୍ଗାରୁଜା ଜିପ୍ ଗାଡ଼ିରେ
ଦଳେ ପୋଲିସ୍ ଅପେକ୍ଷାରତ
"ମନ୍ତ୍ରୀ ଆସିବେ" ॥

ରାଜରାସ୍ତା ପାଖ ଧାନମିଲ୍ ପାଖରେ
ଅଳସ ଭାଙ୍ଗୁଛନ୍ତି କେତେ କେତେ ଧାନଗାଡ଼ି
ଧାନଗାଡ଼ି ନୁହେଁ ତ,
ବସ୍ତାଗୁଡ଼ିକ ଦିଶୁଛନ୍ତି
ଚାଷୀମାନଙ୍କ ସଦ୍ୟ କଟାମୁଣ୍ଡ ପରି ॥

ରାଜରାସ୍ତା ପାଖରେ
ବେସାହାରା, ବେଓ୍ୱାରିସ୍ ମଣିଷର
ଝୁପୁଡ଼ି । ବେଳେ ବେଳେ ମାତାଲ
ଟ୍ରକମାନେ ଗ୍ରାସ କରିଥାଆନ୍ତି
ତାଙ୍କରି ହାଣ୍ଡିଆ ପିଇ ଝୁପୁଡ଼ିର ଶରୀର ।
ମାଟି ଆଟିକାର ଭାତ ଓ ସଂଜୁଆଳୀ ଗୀତ ।




ଆଲୁମିନିୟମ୍ ହାଣ୍ଡିର ହାଣ୍ଡିଆ
ହଳଦୀ ଗରଗର ସୋରିଷଖେତ ପରି
ଏଇ ଚାଲିଗଲେ ଦଳେ ମଣିଷ
କୋଳରେ ପାଶ୍ଚାତ୍ୟ ଲୋମଶ କୁକୁର ॥

କାକୁଡ଼ି ବିକାଳୀର ପେଟର ଯନ୍ତ୍ରଣା
ପାଟିରେ ଶୁଭୁଛି । ହୁଇସିଲ୍ ମାରୁଛି ସମୟ
ଓହ୍ଲେଇ ପଡ଼ିଥିବା ଯାତ୍ରୀମାନଙ୍କୁ ।
ଟ୍ରାଫିକ୍ ପୋଲିସ୍ ହାତରେ ଝାଳେଇ ଝାଳେଇ
ଯାଉଛି ଲୋଚାଲୋଚା ମୁଦ୍ରାନାମୀ କାଗଜରେ ପଦାର୍ଥ ।

ରାଜରାସ୍ତା ! ବଡ଼ ହୀନସ୍ତା
ରାଜରାସ୍ତା ! ଅନ୍ନଦାତା
ରାଜରାସ୍ତା ! ଦେହଅଛି ନାହିଁ ମଥା
କୋଳରେ ପୂରେଇ ରହିଛି ଅନେଇ
ମଇଁଷିର ପାଖ ନ ଯାଅ ଦନେଇ
ଏଠି ଜନ୍ମ ସହଜ ମୃତ୍ୟୁ ବି ଶସ୍ତା
ରାଜରାସ୍ତା ! ॥

❐।



ଗଛରେ ଗଛ

ଶୂନ୍ୟେ ଶୂନ୍ୟେ
ଦେହ ତ ପାଲଟି ଯାଉଛି
ଗଛଟିଏ ।

ପ୍ରତିକ୍ଷଣେ ବୟସର ପାଚିଲା ରଙ୍ଗ
ନେସି ହେଇଯାଉଛି
ଆମୂଳଚୂଳ
ପତ୍ରଝଡ଼ା ଦେଉଛି ।

ଆସ୍ତେ ଆସେ ଶିରା ଓ ପ୍ରଶିରା
ଚର୍ମର ବକ୍କଳ
ପାତଳ ସୂର୍ଯ୍ୟଙ୍କ ସ୍ପର୍ଶରେ
ଉଭେଇ ଯାଉଛି କୁହୁଡ଼ି ସଦୃଶ୍ୟ ଯୌବନ

କ୍ରମଶଃ ନିଷ୍ପେସିତ
ଇଚ୍ଛାମାନଙ୍କର ଶାଖା ଓ ପ୍ରଶାଖା
ବେଳେବେଳେ ଦୋହଲି ଯାଉଛି ମୂଳ
ହାଲ୍‌କା ପବନ ବହିଲେ ବି ॥

କାନ୍ଥରେ ଝୁଲୁଛି
ମୋ ପୂର୍ବଜମାନଙ୍କ ଫଟୋ
ଏବେ ଗୋଟେ ବର୍ଦ୍ଧିତବୃକ୍ଷ ପାର୍ଶ୍ୱରେ
କେତେ କେତେ ହଣା ଗଛଗଣ୍ଡି ଓ
ସେଥିରୁ କାଭାଁ ଗଜୁରୁଥିବା କୁଆଁମାନେ
ଗର୍ଭସ୍ଥ ହେବାରୁ ତୃଣଭୋଜୀମାନଙ୍କ ପେଟ
ଯେଉଁ କଥାକୁ କଟାଗଛର ମୂଳମାନେ
ବାରଣ କରିପାରନ୍ତିନି,




ବୋଧେ ଖାଲି ଲୁହ ଢ଼ାଳୁଥାନ୍ତି
ପରାତ୍ପାଙ୍କୁ ପ୍ରଣାମ କରନ୍ତି
ସଂଜ ସକାଳେ ଉଠୁଣୁ, ବସୁଣୁ ।

ଆଉ ଜିଦ୍ କରି ହେଉନି
ମାଟି କାମୁଡ଼ି ଜୀଇଁବାକୁ
ଲାଗୁଛି, ମାଟି, ପାଣି, ପବନ, ଆକାଶ ଓ ଆଲୁଅ
ସଭିଏଁ ଜିଦ୍ କରି ମୋତେ ପଠେଇ ଦେଇଛନ୍ତି
କେଉଁ ଅଚିହ୍ନା ଇଲାକାକୁ
ଯେଉଁଠି ଆତ୍ମୀୟତାରେ
ମୋ ପୂ



ହରିଜନ ନାବାଳିକା

ଗାଂଧୀ ମହାତ୍ମା ଗଲାପରେ
ଆଉ ସେମାନେ 'ହରିଜନ' ନୁହଁନ୍ତି-
ସମ୍ବିଧାନରେ ଅନୁସୂଚୀତ
ଗାଁ ଗଣ୍ଡାରେ ଦଳିତ
ଭାତଥାଳି ପାଖେ ପତିତ
ମଣିଷ ପିଲା ହେଇ ବି ମନ୍ଦିର ପିଣ୍ଡାରେ ଦୂରନ ॥




ଗଛରେ ଥାଉ ନ ଥାଉ ଆମ୍ବ
ଝୁଲୁଥିବ ତାଙ୍କ ଝିଅବୋହୂଙ୍କର ଶବ
ଅସ୍ପୃଶ୍ୟର ଇଜ୍ଜତ ଓ ଜୀବନ ସଂଯୋଜିତ
ପାଚିଲା ଆମ୍ବପତ୍ରରେ ଚିରକାଳ
ଯାହା ସେମାନେ ଲୁଟି ନେଲେ
ଆଲୋମୟ ପୃଥିବୀରେ
ସର୍ବସାଧାରଣରେ ବିଜ୍ଞପିତ ହେଲା
ଲଂଗଳା ଗହମକ୍ଷେତର ଦୃଶ୍ୟ

ହେ ସମସ୍ତ ଆର୍ଯ୍ୟପୁତ୍ର ! କାନଡ଼େରି ଶୁଣ
ତୁମ ଦ୍ରୌପଦୀ, ଅହଲ୍ୟାମାନଙ୍କ ପାଇଁ
ନିଃଶବ୍ଦରେ ଅଚ୍ଛବମାନେ ଲୁହ ଢ଼ାଳି ଚାଲିଛନ୍ତି
ତାଙ୍କ ଶତାବ୍ଦି ପୁରୁଷ ପାଖରୁ ଆଜିଯାଏଁ
ଏବେ ଓଡ଼ଣା ତଳେ କାକୁସ୍ଥ ଆଖିମାନେ
ଅବିରତ କ୍ରନ୍ଦନରତ
କିଏ ଶୁଣୁ ବା ନ ଶୁଣୁ
ଗଣମାଧ୍ୟମର ଉତ୍ସାହିତ ଉଶ୍ୱାସ
ଓ ଉଚ୍ଛ୍ୱାସ

କିମ୍ବଦନ୍ତୀ ପାଲଟିଯାଉ ବଦାୟୁଁନ ଗାଁ
ଲହୁ ଲୁହରେ ଭିଜିଯାଉ
ଘଷି ବଦାଡ଼ି ପରି ତାତିଲା ବୈଶାଖ
ଶାସନ - ମୁଖିଆ ମୁରୁକି ହସି
କହୁଥିବେ ' ଏମିତି ସବୁ ହୁଏ'॥
ଜଳପାନ ଠାରୁ ଜଳବାୟୁ ଯାଏ
ଅନ୍ତରୀକ୍ଷରେ ପୃଥିବୀ ବଦଳୁଥାଏ
ବଦଳି ପାରୁନି 'ଦଳିତ'ର ପରିଭାଷା
ବଦଳି ପାରୁନି 'ସାଆନ୍ତ'ମାନଙ୍କ
ବୁନିୟାଦୀ ନିଶା
ବଦଳିପାରୁନି
ଧର୍ଷିତାମାନଙ୍କର ପଞ୍ଚକୂଟ ଦଶା

କା' ହାତଧରି ନେହୁରା ହେବ ହେ
ଅଚ୍ଛବ ଗୋଷ୍ଠୀ !
ଧର୍ଷିତା ନାବାଳିକାଙ୍କର ବାପ, ମାଆ
ଓ ପ୍ରିୟ ପରିଜନ !
ତମେ ଦେଖିବ ତମ ସାମ୍ନାରେ
ବଦଳି ଯାଇଥିବ ବାଦାୟୁଁନ ଗାଁ
ଓ ତା'ର ରଂଗ
ବଦଳିଯାଇଥିବ ଆମ୍ବଗଛର
ଆକାର ଓ ଢଂଗ
ଗଣମାଧ୍ୟମ ବ୍ରେକିଂଗ ନ୍ୟୁଜର ବାଗ
କଚେରୀ ହତାରେ ବିନା ସାକ୍ଷୀ ପ୍ରମାଣରେ
ଗୀତା ଛୁଇଁ ଦେଇ ବିଚାରପତିଙ୍କୁ ପିଣ୍ଡାରୀମାନେ
ଶୁଣାଉଁଥିବେ ବୈଦିକ ଭାଷାରେ ବ୍ୟଙ୍ଗ ॥

❐❐❐



ସରଦଜିତ୍

ଫେରିଲ ଯେ ଶେଷରେ
ପଦୁଟିଏ କଥା ହେଲନି
ନିର୍ଜୀବ ଶରୀରରେ
ଲାଗିଛି ନିଲଠା ପାକିସ୍ଥାନ, ଭାରତର
ବ୍ୟବଚ୍ଛେଦ ମୋହର ॥

ଆଜି ତୁମ ମୃତ ଶରୀର ଉପରେ
ଅଜାଡ଼ି ପଡୁଛି ଫୁଲର ଚଦର
ଯେଉଁମାନେ ଶ୍ରଦ୍ଧାଞ୍ଜଳିର ଦହଗଞ୍ଜ
ଭୋଗୁଛନ୍ତି । ଦିନେ ଚାହିଁଲେନି
ସୀମାପାରି ସୂର୍ଯ୍ୟଙ୍କୁ
କେମିତି ଢ଼ାଙ୍କିଛି ଧର୍ମର ବାଦଲ ॥

କୁବେର ସଂପତ୍ତି ପରି
ରାଷ୍ଟ୍ରୀୟ ମର୍ଯ୍ୟାଦା
ତୁମ ପରି ଚଷାପୁଅ ପାଇଁ
କେତେ ଯେ ମହର୍ଗ,
ତୁମେ ଦେଖିଲନି
ମୋ ପରି ଭାରତବର୍ଷର ଆଜି
ବୈଧବ୍ୟ ଯନ୍ତ୍ରଣା
ତୁମେ ଦେଖିଥାନ୍ତ ସେ ଦିନର
ଦୁଇ କୁନି କୁନି ଶିଶୁ କନ୍ୟାଙ୍କର
ବିବାହ ବେଦୀର ଫୁଲନୋଳ
ହେଲେ ଚିହ୍ନିପାରିଥାନ୍ତା କି ସେମାନଙ୍କୁ
ତୁମ ଆଖିର ଆଲୋକେ ॥




ଏତେ ଆପଣାର ମଣିଷ
ପୁଣିପାରନ୍ତି ଏମିତି ଠକାଇ
ଫେରିବା ମଣିଷ ଫେରୁଛି
ଶେଷରେ ପାଲଟି କୋକେଇ ॥

ଆଜି ତୁମ ପାଇଁ କାନ୍ଦିବାକୁ
ଝେଲମ୍ ନଦୀର ଜଳ କି ଅଭାବ
ଆଉ ମୁଁ ପାରୁନି ଯେ କାନ୍ଦି
ତମାମ ଭାରତ ବର୍ଷ ତୁମର ବାନ୍ଧବ ॥

କେତେ ଭରସାରେ କରିଥିଲି
ତୁମକୁ ଅପେକ୍ଷା -
ତୁମେ ଦିନେ ନିଶ୍ଚେ ହିଁ ଫେରିବ
ଫେରିଲ ଯେ
ହେଲେ କଥା କହୁ ନାହଁ
ଯୁଗ ଯୁଗର ନୀରବ କବିତା ॥

ଅଭିମାନ କରୁଛ କି
ଚୋରମାନଙ୍କ ଦାଉରେ
ଛେଲୁଆରେ ଯେତେ କାଳ
ତୁମେ ଖାଇଲେ ବି



କାହାର ଯେ କ'ଣ ଭାସିଯିବ
ତଥାପି ଆଜି ତ ତମେ
ନୁହଁ ଖାସ୍ ତୁମ ଭଉଣୀ
ଦଲଜିତ୍‌ଙ୍କର
ନୁହଁ ତୁମେ
ନିର୍ବାକ୍ ଝିଅ ଦୁଇଟିର
ନୁହଁ ତୁମେ ମୋ ପରି
ଅସ୍ତଗାମୀ ଜହ୍ନର ॥


ଆଜି ମୁଁ ଗର୍ବିତ
ତୁମେ ସର୍ବଜିତ୍, ସର୍ବଜିତ୍ ।
(ଶହୀଦ ସରଦଜିତ୍‌ଙ୍କ ନିଧନ କାରଣରୁ
ସମର୍ପିତ)

❑❑❑

କବିତାର ରୂପ ରଙ୍ଗ

ଭଲ କବିତାଟିଏ କେବେ
ମୋ ମାଆ ତ କେବେ ପ୍ରେମିକା ପରି
ଚିରକାଳ ନୀରବରେ ଗୁମୁରୁ ଗୁମୁରି, ଉହ୍ମେଇ ପଡୁଥାଏ
ମୋ ଭିତରେ ଭିତରେ ॥

ଭଲ କବିତାର ମୁହଁରେ
ଝଲସୁଥାଏ ପୁନେଇଁର ଝୁଲ
ନଈପଠା ଓଦା ସରସର ଏବଂ
ମୋତେ ବୁଝେଇ ପାରୁ ନଥିବା
ଆଜିଯାଏଁ ନଈ ଆରପଟ
କାଶତଣ୍ଡୀ ଫୁଲ ॥



ଭଲ କବିତାଟିଏ
ପଢୁ ପଢୁ ମନେପଡ଼େ
ଲୁହରେ ଚିତ୍ରିତ ଚିଠିଟିଏ
କିମ୍ବା ଅଧା ଆଉଜା କବାଟ କୋଣରୁ
ପ୍ରତିକ୍ଷୀତ ମୁହଁଟିଏ-ଯିଏ
ମୋତେ ସଦାକାଳ ଭେଟୁଥାଏ
ଭୁଲି ଭୁଲି ଯିବାର ତାଳ ଓ ଲୟରେ
ଏକ୍ଲା ରାସ୍ତାରେ
ମୋତେ ଜାବୁଡ଼ି ଧରେ, କାକର ଭିଜ
ଘାସର ଲୁହରେ
ମୁଁ ଥ' ମାରି ଦଣ୍ଡେ ଠିଆ ହୁଏ
ତା' ଦୁଇହାତ ପରିଧି କୋଳରେ




ତା' ପରେ ବିରହିଣୀ ଚକୋରୀର
ତୁହା ତୁହା ସ୍ୱର ଖୋଲା ମେଲା
ଗହୀର ବିଲରେ ॥
ମୁଁ ଚାଲୁଥାଏ ପବନର ରାସ୍ତାରେ
କିଏ ଟାଣି ଟାଣି ନିଏ
ଅଚିହ୍ନା ପାହାଡ଼ ତଳକୁ
ଖୋଜିବାକୁ ଆମ ହଜିଲା
ସ୍ୱପ୍ନର ହଜିଲା ଫସିଲ ଓ
ମୋନିକାର ଆତ୍ମୀୟତା ॥





❐❐❐

ହରିଣ ନଦିଏ ଧରା

କଥାଟିଏ କହୁଁ, କଥାଟିଏ
କି କଥା ? ଖରା କଥା
କି ଖରା ? ଟାଣ ଖରା
କି ଟାଣ ? ପଥର
କି ପଥର ? ଲୁହା
କି ଲୁହା ? ଓଡ଼ିଶା
କି ଓଡ଼ିଶା ? ମାଙ୍କ
କି ମାଙ୍କଡ଼ ? ପାତି
କି ପାତି ? କଜଳ
କି କଜଳ ? ଖଣି
କି ଖଣି ? ନଈର
କି ନଈ ? କୁମ୍ଭାନୀ
କି କୁମ୍ଭାନୀ ? ପ
କି ପସ୍କା ?
ଖଣି - ପାଣି, ଡାଲି
ଯିଏ ଦକ୍ ଦକ୍ ।







ଆଦ୍ୟାରମ୍ଭ

ସବୁ ଶେଷ ପରେ
ପୁଣି ଆରମ୍ଭ
ସବୁ ସମାପ୍ତିରେ ଲୁହ ଓ ଲହୁର
ଅବ୍ୟକ୍ତ ଚଉପଦୀ
କାନମୂଳ ଦେଇ କିଏ
କହି କହି ଯାଏ ॥

ସବୁ ପ୍ରାରମ୍ଭରେ
ଏକ ଅନାହୂତ ପୁଲକ
ଯେତେଯେତେ ଜନ୍ମର ଆରମ୍ଭ
ସେତେସେତେ ମୃତ୍ୟୁର ସମ୍ଭାବନା
କେତେବେଳେ କେଉଁ ଛଟକରେ
ରୁଦ୍ଧି ପକାଏ । ଉପର ତଳ
ଚିତ୍‌ମାତ୍ କରାଉଥାଏ
କେବେ କେବେ ପ୍ରଖର ନିଃଶ୍ୱାସ
କେବେ ପୁଣି ନିଷ୍ପନ୍ଦ ହୃଦପିଣ୍ଡ ॥

ତଥାପି ମୁଁ ଯେଉଁଠୁ ଜନ୍ମ
'ମୁଁ'ର ପୁଣି ଯେଉଁଠି ମରଣ
ସେଇଠି ହିଁ ମୁଁ ନିତ୍ୟ ପ୍ରତ୍ୟୟ
କୁରାଢ଼ୀରେ ଚୋଟ ମାରୁଥାଏ ॥

ସେ ମୋ ପ୍ରିୟତମ
ପୃଥିବୀ ଓ ପ୍ରକୃତି
ସେ ମୋ ଗର୍ଭଧାରିଣୀ
ମାଆ ଓ ମାଟି ॥



❐❐❐

ଜୈବିକ

ଉନ୍ମୁକ୍ତ ସ୍ତନର ଦୃଶ୍ୟରେ ଯେତିକି,
ମୁଁ ପୁଲକିତ, ସେତିକି ମର୍ମାହତ ।

କେବେ କେବେ ହରି କାଠରେ ମଥାପାତି ଦେଇ
ପାଲଟିଯାଏ ମୃତ୍ୟୁପାଇଁ ଅପେକ୍ଷାରତ
ପଶୁଟିଏ, ଯିଏ ଚିରକାଳ
ନିର୍ବାକ୍ ନିର୍ବାକ୍ ॥

ଏଠି ତ
ନିର୍ବାକ ପଶୁଟିର ଘାତକ ବି
ବାକ୍‌ଶୂନ୍ୟ କେଉଁକାଳୁ ସଂସାରରେ ॥

ନିର୍ବାକ୍, ନିରୀହ ପଶୁଟିର
ସରୁଗଳାରୁ ରକ୍ତ ଚୋଷୁଥାଏ
ବାକ୍‌ଶୂନ୍ୟ ଅଥଚ ଶକ୍ତିଶାଳୀ ବାଘଟିଏ
ବାକ୍‌ସିଦ୍ଧା ତରୁଣୀକୁ ଧର୍ଷଣ କରିସାରି
ତଣ୍ଟି ଚିପି ହତ୍ୟା କରେ ଜହ୍ଲାଦଟିଏ ।
ଯେହେତୁ ତରୁଣୀ ଜଣକ ନୁହେଁ ବାକ୍ ରହିତା ॥

କେତେବେଳେ କହି ଦେଇପାରେ
ଜଙ୍ଗଲୀ ଯୌନ କାହାଣୀର ଥିମ୍
ବୋଧେ ଯେ' ସବୁ ରକ୍ତ, ମାଂସ, ଭୋକ
ଓ ପୁଲକର ଜୈବିକ କୋରସ
ବୋଧେ ଯେ' ସବୁ
ପାଶବିକ ପ୍ରବୃତ୍ତି
ଆମ ଘର ଭିତରେ, ଆମ ଭିତରେ ବି ।


❐❐❐




ରାତି

ରାତି ବୟସୀ ହେଲେ
ମାଗେ ଆକାଶକୁ
ତତଲା ନିଃଶ୍ୱାସ
ଛତାଭଳି ଢ଼ାଙ୍କିଦିଏ ପରଦା
ଗୋରା ତକ୍ ତକ୍ ସହରକୁ ॥

କୋଇଲା ଆଞ୍ଚଳୁ
ରାସ୍ତାକୁ ଓହ୍ଲାନ୍ତି ଦଳେ
ଅଇଁଠା ଚଟା କୁକୁର
ପ୍ରତୀକ୍ଷା ପ୍ରତୀକ୍ଷାରେ ରାତି
ପାହିଯାଏ ଖାକିବାଲା ହୋମ୍‌ଗାର୍ଡ଼ର
ପରସ୍ତ ପରସ୍ତ ନିଦ,
ଦଳେ ବୁଲାଟିଆ ଗୋରୁ ଗାଈ
ପାକୁଳି କରନ୍ତି ବେଧଡ଼କ ହୋଇ
ପରିବା ମାର୍କେଟର ଛାତିରେ
ଖୋଲିଯାଏ ପରସ୍ତ ପରସ୍ତ
ଆବରଣ
ମନରୁ, ଦେହରୁ, ବତୀଖୁଣ୍ଟରୁ
ରାତିରେ ପହଁରୁଥିବା ଅଟୋରିକ୍ସା ଦେହରୁ
ରାତିଏ ଗଲେ, ହାତୀଏ
ଆପ୍ତବାକ୍ୟର ଉପକ୍ରମଣିକାରୁ
ହୋଟେଲ୍ ସାମ୍ନା କୃଷ୍ଣଚୂଡ଼ା ଦେହରୁ
ନିଗୁଡୁଥାଏ ଟୋପାଟୋପା
ଅଶିଣର ବର୍ଷା ।



ସହରର ନିଦ ଗାଢ଼ ହେଲେ
ସମୟର ବାହାଦୁର
ହୁଇସିଲ୍ ବଜାଇ ଜାଗତାର କରେ
ନା ! ଶୋଇଲେ କେମିତି
ସୁଟିବ ମୋ ବଇନା ପାଉଣା
ଯେତେ ରାତି ହେଉ
ଫେରିବା ଲୋକ ଫେରେ
ଘରକୁ
ଠକାଇବା ଲୋକ ଠକାଏ
ନିଜକୁ
କିନ୍ତୁ ରାତି ତ ରାତି
ନିଜ ଭିତରେ ଲୁଚି ରହି ରହି
ଆତ୍ମହତ୍ୟା କରୁଥାଏ
ଲେଖିଯାଉଥାଏ
ଏକ କାରୁଣ୍ୟ କାହାଣୀ ॥



କେଉଁ କବି ସଜେଇଲା
ରାତିକୁ
ସ୍ୱପ୍ନ ସୁନ୍ଦରୀ ବୋଲି
କବି କ'ଣ ଜାଣେନି

ସୁନ୍ଦରୀମାନେ
ଏକୁଟିଆ କେବେ
କାହାରି ନୁହଁନ୍ତି
କଳା ଅନ୍ଧାରରେ ଲୁଚିଯାଏ
ପରିଚିତ ଆଖି
ସୁନ୍ଦରୀ ପଣ ଢ଼ାଙ୍କିଦିଏ
କଳା କଳା ମୋହିନୀ ପଣତ
ସବୁ ଲଙ୍ଗଳା ଦେହଙ୍କ ଉପରେ
ସବୁ ଲଙ୍ଗଳା ଦେହ ପାଲଟି ଯାଉଥାନ୍ତି
ଇଥୋପିଆର ଦୁଗ୍ଧପୋଷ ଶିଶୁ ॥


❐❐❐

ମୋ ଗାଁର ଦୃଶ୍ୟ

ବିବାହିତା ପ୍ରେମିକା ପରି
ବଦଳି ଯାଉଛି
ମୋ ଗାଁର ଚେହେରା
ସହରକୁ ଛୁଇଁବାର ଦୁର୍ବୋଧ ନିଶା
ଯେମିତି ମନରୁ ତନୁ ପାଖରେ
ଲଟକିଯାଏ ପ୍ରେମିକାର
ରକ୍ତ- ମାଂସ ଦେହ । ଖୋଜୁଥାଏ ଲୋମଶ ଛାତିର ପୃଥିବୀ ॥

ଏବେ ଗାଁ ତେଜରାତି ଦୋକାନରେ
ସୋରିଷତେଲ ନ ମିଳିଲେ, ମିଳୁଛି
ବିଦେଶୀମଦ, ଷ୍ଟେ ଫ୍ରି, କଣ୍ଡୋମ ଇତ୍ୟାଦି ଇତ୍ୟାଦି

ଏବେ ଦିଟଙ୍କିଆ ଚାଉଳ ଲାଭାରୁ
ପରିବର୍ତ୍ତିତ ପ୍ରହସନର ପ୍ରଜାପତି
କିଏ ଘୋଷାରି ନେଉଛି ଶସ୍ତାରେ ନାବାଳିକାର
ଗାଁ କଂକ୍ରିଟ୍ ଜଙ୍ଗଲର ଛାଇରେ
ପୋତିପଡୁଛି ଶୈଶବର ମେଞ୍ଚା ମେଞ୍ଚା ଧୂଳି
ନା ଅଛି ଜହ୍ନରାତି ନା ଅମେଇଶା ପ୍ରୀତି
ଜଣାପଡୁଛି, ମୋ ଗାଁ ସତେ ଫେରିଛି କି
ସୁରତ, ହାଇଦ୍ରାବାଦରୁ
ସରୁ ଜିନ୍ ପ୍ୟାଣ୍ଟ ସଂଗେ ହାତରେ
ମୋବାଇଲ୍ ଧରି ।
ଗାଁ ଠାକୁରାଣୀ ଏବେ କ୍ରମଶଃ
ଲାଗନ୍ତି ଅଚିହ୍ନା, ଅଚିହ୍ନା
ବସ୍‌ଷ୍ଟାଣ୍ଡ, ରେଳପ୍ଲାଟଫର୍ମ ମଣିଷଙ୍କ ପରି ॥



ମାଟିର ମାଆ

ମାଟିର ଉପସର୍ଗ

କ’

ଯେ

ବ

ଧୂ

ତାଡ଼

ଡ଼ିନ

ତା’

ତଥ

ପୋ


ଲୁହ

ମାଆ

କା

ପ

ସିଝୁ






ଏବେ ଅଜଗର ବନ୍ଦନୀରେ
ତମାମ ମୁଲକର ଚିହ୍ନା, ଅଚିହ୍ନା ମାଟି ॥

❑❑❑

ଆମ୍ବତୋଟା ଜାଗାରେ
ଏବେ ଇଟାଭାଟି । ପୋଡୁଛି
ଇଟା ସଂଗେ ଗାଁର ଆତ୍ମାକୁ
ଭୋଇ ଘର ପୁଅ ।
ମୋବାଇଲ ଟାୱାର ସୂକ୍ଷ୍ମ ତରଙ୍ଗରେ
ଅନ୍ତର୍ଦ୍ଧାନ କାଉ, ବଣି ଓ କୋଇଲି
ଯେମିତି ଫେରାର ଗଉରା ବଇଷିମର ପରିବାର
ସହରକୁ । ଘରେ ଘରେ ଏବେ
ଓଡ଼ିଆ ସିରିଏଲ୍
କାବୁ କରିନେଲାଣି
ରାମାୟଣ, ମହାଭାରତ
ଗୀତା, ଭାଗବତ
ଅଘିରା ପୁନେଇଁର ଜ୍ୱଳନ
ଏବେ ତମାମ ଗାଁରେ ନିଶିପ୍ରହରୀ ॥



ଜେଜେମା’ର କଙ୍କାଳସାର
ଚେହେରା ପରି ଆମ ପ୍ରାଇମେରୀ ସ୍କୁଲ
ଛଟାବାଡ଼ିଆ କାନ୍ଥ, ସନ୍ତସନ୍ତିଆ ଭୂମି, ଯେଉଁ
ଛିଡ଼ା ଚଟେଇରେ ଭେଦିଯାଏ
ହାପ୍ ପ୍ୟାଣ୍ଟ ଖଣ୍ଡିକ
ଆଜି ସେ ଦିଶୁଛି ସଫାସୁତୁରା
କୂଳବୋହୂଟିଏ ପରି
ତଥାପି ମନ ଖୋଜୁଥାଏ
ସେ ପୁରୁଣା ନକ୍ସାକୁ
ଯେଉଁଠି ଅଟକିଯାଏ
ଆତ୍ମୀୟତାର ତରଳ ନିଃଶ୍ୱାସ ॥



❑❑❑

ବନ୍ୟା





କବିର ଠିକଣା


ଚାଉଳ କିଣିଲା ବେଳେ
ଖୁଚୁରା ପଇସା ଗଣୁଗଣୁ
କବିତାର ଶବ୍ଦ ଲେଖି ହେଇଯାଏ
ସଉଦା ଚିଠାରେ ।

ବର୍ଷାକାଳ
ଘନଘନ ବିଜୁଳି ଲୋଟି ପଡୁଥାଏ
ନିଚ୍ଛନ୍ଦ ମେଘଙ୍କ ଛାତିରେ
ମୋହାଚ୍ଛନ୍ନ ସଉଦା ଝୁଲାରେ
ଝୁଲୁଥାଏ ତେଜରାତି ଦୋକାନୀର
ବାକି ଚିଠାର ତତଲା ନିଃଶ୍ୱାସ ।




ମେଘଙ୍କ ମାୟାରେ ସିନା
କବି ଭୁଲିଯାଏ ପରିଚିତ ରାସ୍ତା,
ଭୋକିଲା କାନ୍ଥରେ ଅପେକ୍ଷାମାଣ
ଝିଟିପିଟିମାନଙ୍କର ଅଥୟ ଯନ୍ତ୍ରଣା,
କବି ଖୋଜୁଥାଏ
ସଂଜୁଆଳି ପତଙ୍ଗ ଆଲୋକେ
ନିଜ ଘରର ଠିକଣା ।

କବି ତ ଚିରକାଳ
ଡାକ ଟିକଟ - ବିହୀନ ଅର୍ଥହୀନ ଚିଠିଟିଏ,
ଡାକ ମଣିଷର ନିର୍ଲୋଭ ମୁଣିରେ
ସଜୁଥିବା ଯତୁଘରର ପାଣ୍ଡବ ପରି କବିତାର
ଅନ୍ଧାର ରାସ୍ତାରେ ବର୍ଷାରେ ଭିଜିଭିଜି
କାନ୍ଦୁଥିବା ବୃକ୍ଷମାନଙ୍କୁ କବିଟି ପଚାରେ



ନିଜ ଘରର ଠିକଣା ।
ମାଇଲ ଖୁଣ୍ଟର ନିର୍ଲିପ୍ତ ପଣରେ ଦୃଶ୍ୟାୟିତ
ସଂଖ୍ୟାର ସଂସାର
ଛୁଉଁଥାଏ ବିଜୁଳିର ଜମିଦାରୀ ଓଠ
ସୁଆଁନ୍ତି ପବନରେ ଧର୍ଷିତା କବିର
ଚିରକାଳ ମାଇଲଖୁଣ୍ଟି ପରି
କବି କରେ ବେଖାତର,
ବିନ୍ଦୁ ବିନ୍ଦୁ ବର୍ଷାର ନିଦୁଆ ଆଖିରେ
ଗଛବୃଚ୍ଛମାନଙ୍କୁ କନ୍ଦାଇବା କ'ଣ
ସେମାନେ ତ ଯୁଗ ଯୁଗବ୍ୟାପୀ ଏ
ଚାଲ କବି !
ତୁମ ରାସ୍ତାର ନାହିଁ ଆରମ୍ଭ କି ଶେ
ତୁମ ରାସ୍ତାର ନାହିଁ ନିର୍ଦ୍ଦିଷ୍ଟ ସନ୍ଧେ
ଯୁଆଡ଼େ ଯାଆନ୍ତି ମେଘ
ପଚାରି ପଚାରି ତୁମ ଘରର ଖବ
ସେଇଠି ହିଁ ତୁମେ ମେଘଙ୍କୁ ପଚା
ଅନାମିକା କେଉଁ ସହର ବସ୍ତିରେ
ହଜିଯାଇଥିବା ଜନୈକ କବିର ଠି



ପ୍ରତାରଣା


ଖସି ଖସି ନଈ ତଳକୁ
ଏତେ ଖସିଗଲିଣି ଯେ
ଶେଷରେ ହାତମୁଠାରୁ ଖସିଗଲା
ଆଂଗୁଠି ମୋଟାର ଗଛ ଖଣ୍ଡକ ।
ମୂଳ ଉତ୍ପାଟିତ ।

ନିଜେ ମରି ମୋତେ ବି
ପାରିଲାନି ବଞ୍ଚାଇ
ନା ତାକୁ ମାରି ବି ମୁଁ
ନିଜକୁ ପାରିଲି ବଞ୍ଚାଇ ।

ନଈରେ ଅଥଳଥଳ ଜଳ
ବଉଳା କୁମ୍ଭୀର,
ରାଘବ ବାଳିଆଙ୍କ
ଭୋକିଲା ସଂସାର ।

କେଉଁ ଲୋଭ ମୋତେ ଟାଣିନିଏ
ଅତଡ଼ା ଖିଆ ନଈ ତଳକୁ ?
ଜାଣୁଥିଲେ ବି ସବାଖିଆ ମାୟା - ମୋ[illegible]
ଜାଣୁ ଜାଣୁ ଷ୍ଟ୍ରିଟ୍‌ଲାଇଟ୍ ଅମୁହାଁ ଘେରରେ
କୀଟ ପତଙ୍ଗ
ସକିଲ ମିଆଁର ଶାଣୁଆ କଟୁରୀ ସାମ୍ନାରେ
ନଟିପତ୍ର ଖାଉଥିବା ଛେଳିଟିଏ ଛିଡ଼ା ।

ଲୋଭର କଅଁଳ ମୁଦ୍ରାରେ
ଈଶ୍ୱର କ'ଣ ମନେ ପଡ଼ନ୍ତି ?
ଅଝଳେ ଅଝଳେ ପାଣି ପିଇ ବେକୁବ୍ ହେଲା ପରେ




ମୃତ୍ୟୁର ଯମଦୂତଙ୍କ ମେଳରେ ବି
ମନେ ପଡ଼ନ୍ତିନି ନିରପେକ୍ଷ ଈଶ୍ୱର ।


ଖାସ୍ ବିପଦ
ମଣିଷ ଈଶ୍ୱ
ମାନସିକ ଯା
ସମର୍ପଣରେ
ଭକ୍ତିରେ ନା
ସେ କଥା ମ

ଦ୍ରୌପଦୀର
ଈଶ୍ୱରଙ୍କୁ ବି
ପହଣ୍ଡି ବିଚେ
ଜାଣି ଚତୁର
ଶାଢ଼ୀ ପଠା

ଈଶ୍ୱରଙ୍କୁ ଫୁ
କୋଟି କୋ
ଆରତ ନାଶ
ତାଙ୍କର ତ
ଛୁଆପିଲା,



ଧୂଳି



ଏବେ ବର୍ଷାର ସ୍ପର୍ଶରେ ନେସି ହେଇଯା
ସବୁଜ ରଙ୍ଗ
ସୁଷମ୍ନାକାଣ୍ଡରୁ ଧୂସର ପାଟ ବିଲ
ଶୁଷ୍କ ନଦୀର ନିତମ୍ବୀ ସ୍ରୋତରେ ଉଚ୍ଛୁଳି
କୁଳୁକୁଳୁ କବିତାର ସ୍ୱର ।

ଗଜୁରି ଉଠୁଛନ୍ତି ଅନାମିକା ଭ୍ରୂଣମାନେ
ଦୁଇ ପତ୍ରମେଲି
ଅଦୃଶ୍ୟ ମାଟିର ଜରାୟୁ ମଧ୍ୟରୁ
ବେଢ଼ିବାକୁ
ଦରଦୀ ଗଛ - ବୃଚ୍ଛ, ବାଡ଼ - ବେଡ଼ା
ଓ ଚାଳର ଛାତିକୁ
ଜାହିର କରିବାକୁ
ବର୍ଷା ଓ ମାଟିର ସମ୍ପର୍କ ।

ଆସ୍ତେ ଆସ୍ତେ ବର୍ଷାକୁ ବି

ଆପଣେଇ ହୁଏ
ଘନଘନ ବିଜୁଳି ଓ
କାନ ତାବ୍‌ଦା ଚଡ଼ଚଡ଼ି ଶବ୍ଦରେ
କେଉଁ ପାହାଡ଼ ମୁଣ୍ଡରେ
ରାତି ତମାମ ଝରୁଥାଏ
ଖାଲି ବର୍ଷାର ଗଜଲ ।


ଓଠ ପରି ଯୋଡ଼ିଯାଏ ଫଟାମାଟି
କ୍ରମଶଃ ବତୁରା ମାଟିକୁ ଭିତୁଥାଏ ତମାମ୍
ଅଂଳା - ପିଂଗଳା ଚେର
ଆହୁରି ଦ୍ରବୀଭୂତ ହେଉଥାଏ
କୁଆଁରୀ ମାଟିର ଶରୀର
ଲୁଚିଯାଉଥାଏ
ନିସ୍ନେହ ଗ୍ରୀଷ୍ମର ପ୍ରଚଣ୍ଡ ପୌରୁଷ ।

ଏଇଛୁଣି ଚାରିଆଡ଼େ ଖାଲି
ଓଦାମାଟିର ବାସ୍ନା
ରଂଗ ନେସିବାର
ସାପ - ସିଡ଼ି ଖେଳ ।

❐❐❐

ରାସ୍ତା






ବଂଧୁ, ବଂଧକ , ବଂଧୁକ

ଜାଡୁଆ ଶୀତରେ
ପାଚିଲା କ୍ଷେତର ଗୀତ
ପାଲଟି ଯାଉଛି
କାକୁସ୍ତ କିନ୍ନର ॥

ନୀଳଗିରି ଜଂଘଲର ଜନଜାତିର
ଘର ବୋଲି ଯାହା
ଭାଂଗିରୁଜି ଚୁରମାର୍
ଏବେ ହାଡ଼ଭଂଗା ଶୀତର
ପ୍ରକୋପ ଠାରୁ
ଦନ୍ତାହାତୀର ପ୍ରକୋପ ଅସମ୍ଭାଳ
ଜୀବନ ବିକଳେ ବିତାଉଛି
ଗଛ କୋରଡ଼ରେ ଆଦିମ ମଣିଷ ॥

ଦୋଷ କାହାର ? ଜନଜାତିର ନା ହାତୀର
ମଣିଷର ଘର ଧୂଳିସାତ୍ ପୂର୍ବରୁ
ହାତୀମାନଙ୍କର ଘର
ଭାଂଗିଛି କିଏ ? ଜନଜାତି ନା ଜନନେତା
ଜଂଘଲୀ ଠିକାଦାର ନା ବନ୍ୟବିଭାଗ ସୁବେ
ଏବେ ତ ସାରା ସବୁଜ ଜଙ୍ଗଲ ଚିତ୍ରିତ

ଲାଲ ରକ୍ତ ଝୋଟିରେ ।
ରକ୍ତମୟ !
ବାର, ଚଉଦ ବର୍ଷର ଧାଡ଼ିଂମାନେ
କାଂଧରେ ବଂଧୁକ ଝୁଲାଇ
ମାଓବାଦୀ, ନକ୍ସଲୀ ।



ମାଓ କିଏ ପଚାରୁଛି କଂଧ ବୁଢ଼ା
ଶୂନ୍ୟ ଆକାଶକୁ, ଗହଳ ପତ୍ରଲତାରେ
ଓଜନିଆ ବୁଟ୍ ପିନ୍ଧା ମଣିଷମାନଙ୍କୁ
ନିର୍ମୋକ ଶାଳ, ଶାଗୁଆନ ଗଛମାନଙ୍କୁ ॥

ଏଠି ବଂଧୁକ ଧଇଲେ ମଲା
ବଂଧୁକ ଛାଡ଼ିଲେ ମଲା । ନିସ୍ତାର ନାହିଁ
ଗଛକୁ, ଧାନକ୍ଷେତକୁ,
ଝୁପୁଡ଼ି ବସ୍ତିକୁ, ଦୁଧଖିଆ ଛୁଅ
ଆଦ୍ୟ ଯୌବନର ସକଳ ମୁହଁ
ଏକାବେଳେ ହାତୀ, ମାଓବାଦ
ଅକ୍ଟୋପସୀ ବଂଦନୀ
ଲୁହ ନିଗାଡୁଥାନ୍ତି ଦଳେ ନିଷ୍ପା

ବଂଧୁକ ଧରି ବଂଧକ ଦେଇଥି
କୁମାରୀତ୍ୱ ପୁଣି ଫେରୁଛି ପଡ଼
ଚାରିଆଡ଼େ ଅବିଶ୍ୱାସର
ଗର୍ଭବତୀ ସମୟ ॥
ଶୀତ ତ ଶୀତ ପରି ଲାଗୁନି
ଅସହାୟତାର ଝାଳ ବିନ୍ଦୁରେ
ଭିଜୁଛି ତମାମ ଜାଡୁଆ ଜଙ୍ଘ



ସଂତକ

ଦୁର୍ଯ୍ୟୋଧନ ରକ୍ତ ନଦୀରେ
ସନ୍ତରଣ କେବେ କେବେ ମନେହୁଏ
ଅବିଶ୍ୱାସର ଅଂଧଗଳି
ମନଭୁଲା ମହାଭାରତୀୟ ଗଳ୍ପ ॥
କେବେ କେବେ ତାଲିବାନ
ଲଢ଼େଇ ଚାଲିଲେ
ସତରେ ରକ୍ତର ନଦୀ ପାଲଟିଯାଏ
ପ୍ରାଚୀନ ଗାଂଧାର
ଆଜିକାଲିର ଅବିଶ୍ୱାସର କାନ୍ଦାହାର
ନିର୍ବିବାଦରେ ଚାବୁକ ମାଡ଼
ଖାଉଥିବା ବହୁରୂପୀଟିକୁ ପଚାର
କେମିତି ପହଁରି ଯାଉଛି
ରକ୍ତରେ ରକ୍ତରେ
ପିଠିସାରା ରକ୍ତ
ପେଟ ଚାଖଣ୍ଡେକ ପାଇଁ
ଚାବୁକଟିଏ ତା'ର
ପ୍ରତିଶ୍ରୁତିର ସାହାରା
ତମାମ ରକ୍ତ
ବଂଚିବାର ଅଂଗ, ରଂଗ
ସମସ୍ତ ବାରଣ ସତ୍ତ୍ୱେ ସେ
ଚାଲୁଥାଏ ସେଇ ରାସ୍ତାରେ
ଯେଉଁ ଠି ପାଦ ରଖି ରଖି
ଚାଲିଲେଣି ତା' ପୂର୍ବପୁରୁଷ ॥

❐❐❐





କବି - ୧

ସତକଥା କହିଦେଲେ
ଦୋହଲି ଯିବ ମାଟି
ଅଣନିଃଶ୍ୱାସୀ ହୋଇପାରେ
ଅଣଚାଶ ପବନ
ଶୁଖି ଶୁଖି ଯାଇପାରେ
ପାବନ ଗଂଗାର ତଣ୍ଟି ॥
କବି ତ କବି
ତା'ର ପୁଣି ଛୋଟ ବଡ଼ କ'ଣ
ସନ୍ତୁଳି ଯାଉଥିବ ସାଆନ୍ତଙ୍କ ପରି
ସଂଭ୍ରାନ୍ତୀ ମୁଦ୍ରାରେ
ଆଡ଼େଇ ଦେଉଥିବ
ସାଆନ୍ତଙ୍କୁ ମହାପ୍ରୁ ମଣି
ସାଆନ୍ତଙ୍କ ପିଣ୍ଡାରେ ଆଶ୍ରିତ ମଣିଷର
ଭାଗ୍ୟ ଓ ଭବିଷ୍ୟତ
ତଥାପି ସାଆନ୍ତଙ୍କ ମୁଖମଣ୍ଡଳରେ
ଜତନ୍‌ନଗର ପରି
ଅଜଗର ନିଃଶ୍ୱାସ ॥

ସଂଭ୍ରାନ୍ତୀ ହେବାକୁ
କବିପରି ମୁଲାୟମ ହୃଦୟକୁ
କିଏ ଶିଖାଇଲା ?
ସରକାର ନା ସୁବେଦାର
ସାରଳା ଦାସ ନା ପ୍ରେମଚାନ୍ଦ
ମୁଖ୍ୟମନ୍ତ୍ରୀ ନା ମୁଖ୍ୟଯନ୍ତ୍ରୀ
କିଏ ଶିଖେଇଲା କବି ପରି








ଦୃଶ୍ୟତା

ଖୋଲିଗଲେ ଆଖି

ପତସଂଧିରେ ଦୁଃଖ
ରାସ୍ତା ସାରା ଶବବାହକମାନଙ୍କର
ଶୋଭାଯାତ୍ରା ଏବଂ ବିଜ୍ଞାପନ ବୋର୍ଡ଼ରେ
ଝାଉଁଳି ଯାଉଥିବା ସୂର୍ଯ୍ୟଙ୍କର ଚିତ୍ର
ଜୋକ ପରି ସମୟ
ସବୁ ଧମନୀରୁ ଶୋଷି ନେଉଛି
ପୁଳା ପୁଳା ରକ୍ତ ।

ଆଖି ବନ୍ଦ ହୋଇଗଲେ
ନଇଁ ପଡୁଥିବା ଦୁର୍ବଳ
ଦିଗ୍‌ବଳୟ ତଳେ
ମୋ ପୁରୁଷାକାରର ପରାସ୍ତପଣ
କେତେ କେତେ ଅଣୁ ପରମାଣୁ
ପରିଶେଷର ଦିଗନ୍ତବ୍ୟାପୀ ଅନ୍ଧାର
ତା' ଭିତରେ ପରିଚିତ
ଯୋଡ଼ାଏ ବୃତ୍ତାକାର ଆଖିର ଜ୍ୟାମିତି
ଯେଉଁଥିରେ ହଜିଯାଏ
ମୋ ଆଖିର ନିରୀହ ପରିଧି
ଧୋରେ ବାୟା ଧୋ' ଗୀତର ଲହରୀରେ
ମୋ ନିଷ୍ପାପ ଶୈଶବ
ଥାପିଦିଏ କେଉଁ ଛେଉଣ୍ଡ ମୁହଁକୁ
ମୋ ବୟସ୍କ ସ୍ନାୟୁତନ୍ତ୍ରୀମାନଙ୍କୁ
କେଉଁ ଅସୀମ ପାଦହୀନ ପାଦତଳେ ॥




❐❐❐


ଯୋଗୀପୁଅ

କିଏ ଚାଲିଥାଏ

ପଦ୍ମ
ନୀଚ
କାଳ
କିଏ
କେ
ରାଜ
ସାଧ

ଅଙ୍
ପ୍ରତ
କେ
ପାଷ
ସବୁ
ଶତା
ନ୍ୟ
ଜ୍ୟ






❐❐❐


ମରୁଡ଼ି

ଚାରିଆଡ଼େ ଚର୍ଚ୍ଚା
'ମୌସୁମୀ' ବୋଲି ଝିଅଟିଏ
'ଆକାଶ' ବୋଲି ଫାଜିଲ୍ ଟୋକା ସାଙ୍ଗେ ଫେରାର୍ ।
ବର୍ଷା ନାହିଁ, ସ୍ଥିତି ଭୟଙ୍କର ।

ଛଅଲକ୍ଷ ଟନ୍ ଧାନ ବିଲ ଖାଇଲାଣି
ସେପ୍ଟେମ୍ବର ଏଗାର ତାରିଖ
ଗଣେଶ ଚତୁର୍ଥୀ ତିଥି ସୁଦ୍ଧା
ମୌସୁମୀ ମାଆ ଆଖିରେ ଲୁହ
ନାବାଳିକା ଝିଅ
ଥିଲାବାଲା ପୁଅ ନାଁରେ ଏତଲା ଦେଇ
ଲାଭ କ'ଣ ?
କନ୍ୟା ପିତା ସରେଇ ପାଲିର ଖଗେଶ୍ୱର ଲାକ୍ରା
ହିଡ଼ମୁଣ୍ଡରେ ଋଣର ଅକ୍ଟୋପସୀ ବନ୍ଧନରେ
ସିଝିସିଝି ଯାଉଛି
କଇଥା ବାଇଗଣ ପରି ମୁହଁ
ହାତରେ ପୋକମରା ଉଷ୍ଣଦ
ମହାନିର୍ବାଣର ସହଜିଆ ମାର୍ଗ
ଚାରିଆଡ଼େ ଚର୍ଚ୍ଚା -
ପୋଲାଭରମ୍, ବେଦାନ୍ତ, ନିୟମଗିରି
ନିଘା ନାହିଁ ଖଗେଶ୍ୱର ଲାକ୍ରାର
ପାହାଡ଼ ତଳି ଖପରପାଲି ଘରର
ବିଧବା କାନ୍ଦଣାକୁ
ଦୁଧଖିଆ ଛୁଆଙ୍କର ନିରୀହ ପଲକଙ୍କୁ
ସୋସାଇଟି ବାବୁଙ୍କର କୋରକୀ ନୋଟିସ୍‌କୁ




ଝର୍କା ପବନରେ ୟୁନିୟନ୍ ଜ୍ୟାକ ପରି
ଦୋହଲାଇ ଦେଲା
ନିଷ୍ପ୍ରାଣ କଲିଜା ।



ଭାଇ
ଖଦେ
ଭେର୍
ଗୋ

ଚାରି
କିଛି
ଜମା
ତନ
ଠିକ୍
ହସ
ବିଦେ
ମହା



ପିପାସା

ମୋତେ ତ ଭିଜାଇ ଦେଉଛି
ଝିପିଝିପି ବର୍ଷାର ପାର୍ବଣ,
ଏରୁଣ୍ଡିବନ୍ଧରୁ ନଈବନ୍ଧ ଯାଏ

ମୋତେ ତ ଭସାଇ ନେଉଛି
ଛଳଛଳ ନଈର ଗୀତ
ମୋ ପଣତ କାନିରୁ ପଦ୍ମ - ପତ୍ର ପର୍ଯ୍ୟନ୍ତ


ମୋତେ ତ ଛୁଇଁ ଛୁଇଁ ଯାଉଛି
ନିର୍ମାୟା ଆକାଶର ଉତ୍ତାପ ଓ
ଆଞ୍ଜୁଳେ ଶୀତଳ - ମାଟିର ବାସ୍ନା ॥

ମୋତେ ତ ବାଁରେଇ ଦେଉଛି
ନିରୀହ ଗାଁ - ଦାଣ୍ଡର ବାରଣ
ମୋତେ ସେତେ ସେତେ ଛନ୍ଦି ପକାଉଛି
ନିଃସଙ୍ଗ ଏକ୍କା ପକ୍ଷୀଟିର ରାଣ ॥

ମୋତେ ବାନ୍ଧି ପକାଉଛି ତରଳ ଜହ୍ନର
ଯୋଡ଼ାଏ ଆଖି ଓ ସେଥିରୁ ନଈପରି ରାସ୍ତା ଭାଙ୍ଗି
ନିମ୍ନଗାମୀ କେତେ ଟୋପା ଜଳ
ସବୁବେଳେ ଦହଗଞ୍ଜର ସୂର୍ଯ୍ୟାସ୍ତ
ମୋ ମୁଣ୍ଡ ଉପରେ । ଅଗଣିତ ଆଖିଙ୍କ ସାମ୍ନାରେ

ଅନ୍ଧାର ପୂର୍ବରୁ କିଏ ମୋତେ ଆଦରି ନିଅନ୍ତାନି
ନଦୀରୁ ଫେରିଲାବେଳେ
ଓଦା ସଡ଼ସଡ଼ ଶାଢ଼ୀର ଦର୍ପଣ ଭିତରୁ
ରାତି ସାରା ତାରାମାନେ ଆଉ ଲୁହ ଢ଼ାଳନ୍ତେନି
ମୋ ମୁହଁକୁ ଚାହିଁ
ଚାଳଘର ଅଗଣା ମଝିରେ
ମୋ ଦେହରେ ନେସି ହେଇ ଯା'ନ୍ତା
କେଉଁ ପକ୍ଷୀଟିର ସଂଗୁପ୍ତ ବେରିଂ - ଠିକଣା ।

❑❑❑



ଲୁହ


ରୂପା ରଂଗ ଲୁହ ସବୁ ପୋଛି ହୋଇଯାଏ
ହତଭାଗିନୀ ଆଂଗୁଳି ଅଗରେ
ଚଟାଏ ବାଜିଲେ
ଦୁଃଖର କୁରାଢୀ କଲିଜା ଗଛରେ
ଅବିରତ ବୋହୁଥାଏ
ଠୋପା - ଠୋପାରୁ ଧାର - ଧାର
ଅଶ୍ରୁ - ନିରଂଜନା


କେଉଁ ଶୁଖିଲା ଡେଙ୍ଗମୂଳ
ଶୋଷିନିଏ ଲୁହର ଭାଣ୍ଡକୁ
ଶେଷରେ ସତର୍କତାର ଘଣ୍ଟିବାଜେ
ନିରିମାଖି ଗାଲର କଅଁଳମାଟି
ଫାଟି ଫାଟି ଯାଏ
ସମୁଦ୍ର ଯାଏଁ ପହଂଚିଲା ପର୍ଯ୍ୟନ୍ତ ।
ଲୁହ କିନ୍ତୁ ଚିରକାଳ ନିର୍ବେଦ । ବୋହି ଯିବାକୁ ।


କେଉଁଠୁ ସେ ଝରୁଥାଏ କାହାପାଇଁ
କାଳେ କାଳେ ନାହିଁ ସଠିକ୍ ଉତ୍ତର ।

ଲୁହ ତ ନିରିମାଖି ନଈଟିଏ
ବାଟଭାଂଗି ଚାଲିଯାଏ
ପ୍ରତିଶ୍ରୁତିବଦ୍ଧ ସନ୍ୟାସୀଟେ ପରି କେଉଁ ଅନନ୍ତ ଏ

ନଈକୁ ଦେଖିଲେ
ମୁହଁଟିଏ ଦିଶେ







ଭୂତ

ସକଳ ମାୟା ମୋହ ଶେଷ
ଶେଷରେ ଜାଣିଲି କେବଳ ନିଃଶ୍ୱାସ ହିଁ ମୋର ନିଜସ୍ୱ । ଆଉ ସବୁ
ମୁଠା ମୁଠା ପାଉଁଶ ॥



କେତେ ଆପଣାର ମୋର ଯେ
ଶରୀର
ମୋର ଆତ୍ମୀୟ, ସ୍ୱଜନ
କେହି କ'ଣ ଜଣେ ଆସିଲେ ସାଙ୍ଗରେ
ପଚି ପଚି ଗଲା ମାଟିରେ
ଜଳିଜଳି ଗଲା ନିଆଁରେ
ରକ୍ତ ମାଂସର ମୋ ପ୍ରିୟତମ ସହର ଓ
ଶରୀର ॥


ମୋ ଘରର ଦଲିଲପତ୍ର, କାଗଜାତ୍
ଇନ୍ଦିରା ବିକାଶ ପତ୍ର, ବ୍ୟାଙ୍କ ପାଶ୍‌ବୁକ୍
କ୍ରେଡ଼ିଟ୍ କାର୍ଡ଼ ଠାରୁ ସମ୍ବର୍ଦ୍ଧିତ ମାନପତ୍ର
ତା' ସଂଗେ ତୁଟିଲା
ମୋର ସକଳ ମୁଆଁସ ॥

ପିଲାମାନେ ଓହ୍ଲାଇ ଦେଲେ ଆଙ୍ଗୁଳିରୁ ମୁଦି ।
ଏବେ ମୁଁ ସ୍ମୃତିରେ ବନ୍ଦୀ
ମୋ କବିତାର ପାଣ୍ଡୁଲିପିରେ
ଲେଖାଯାଇଥିବା ଶେଷ କବିତା ପରି
ଦୀପଟିଏ ଏବେ ନିର୍ବାପିତ
ଖୋଲା ମେଲା ମଶାଣି ପଦାରେ ॥

ମୋ ରକ୍ତର ଷୋଳପଣମାନେ
ମୋତେ ଏବେ ଭାବଛନ୍ତି ଭୂତ ଓ ଚିରକାଳ
କେଉଁ ମଶାଣିର ବାସିନ୍ଦା ॥
ମୋର ସହାୟକ-
ଗୋଟେ ଅବର୍ଦ୍ଧିତ ଶିମିଳି ମୂଷଳି
ଖଣ୍ଡେ କନ୍ଥାର ଫୁଟା ପାକସ୍ଥଳୀ
ଓ ଛିଣ୍ଡା, ଦଉଡ଼ି ହେଳା ସପଖଣ୍ଡେ
ଖାଇବା ପାଇଁ ମାଲ ଆଟିକା ଓ କୋଦାଳର ବେ

ନା ଏଠି ଅଛି ଡ୍ରଇଂରୁମ୍
ଡ଼ାଇନିଂ ଟେବୁଲ୍
ନା ବାଥ୍‌ରୁମ୍
କି ଆଭିଜାତ୍ୟର କାରନାମା
ମୋ ଆଗରୁ ବି ଯେଉଁମାନେ ଆସିଥିଲେ
ମୋ ପରେ ବି ଯେଉଁମାନେ ଆସିବେ ନାମଜାର
ସମସ୍ତେ ଗୋଟିଏ ଖାତାର ଅଂଶୀଦାର ॥


ମୋ ମଲାଦିନ ଗହଳ ଅନ୍ଧାରରେ ଡ଼ରୁଥିବେ
ମୋ ନାମରେ ପରିଚିତ
ମୋ ଆତ୍ମୀୟମାନେ
କାରଣ ମୁଁ ଆଉ ସେଇଦିନୁ
ମଣିଷ ତ ନୁହେଁ,ଭୂତ
ଯେ ପୋତି ପଡ଼ିଛି
କେଉଁ ସ୍ମୃତିର ପାହାଡ଼ ତଳେ ॥



❐❐❐

ଜୀବନ

ମଣିଷ କି ନ ଜାଣେ
ସମସ୍ତ ସଚରାଚର, ଦୃଶ୍ୟମାନ
ଇତରପ୍ରାଣୀଙ୍କ ପାଖରେ ବି ଏ
ଜନ୍ମଜନ୍ମାନ୍ତରେ ଅନୁବନ୍ଧିତ
ଗୋଟେ ଗୋଟେ ପିଛିଲା ସ୍ୱାକ୍ଷ
କାହାକୁ ତ ଦେଇନାହାନ୍ତି
ଈଶ୍ୱର ମଣିଷର କଥା
କଥା କହିପାରେ ବୋଲି
କଥା କୁହା ମଣିଷ
ପ୍ରସାରି ଦିଏ
ସମ୍ରାଟଙ୍କ ଖଡ୍ଗ
ମଶାଠାରୁ ମୂଷା ଯାଏ
ଛେଳିଠୁ ହାତୀଯାଏ
ନେହୁରା ହେଉଥିଲେ ବି
ମୂକସାର ପ୍ରାଣୀଟିଏ
ଅହମିକା ଖୋଳପାରେ
ଏଡ଼େଇ ଯାଏ ମଣିଷ



ମଣିଷ ଘର ବାନ୍ଧେ
ଘର ବାନ୍ଧେ ଜେଲି ଠାରୁ ଡ଼ାଏନୋସର୍
ଭାତଗୁଣ୍ଡା ହାତ ମାଆ- ମଣିଷର
ଲମ୍ବିଯାଏ ଅବୋଧ ଶିଶୁର
ନିଷ୍ପାପ ଓଠକୁ
ଚଂଚୁଟିଏ ଉଦ୍‌ଗାରୁଥାଏ
ଲବ୍ଧ ଖାଦ୍ୟ
କଅଁଳ ଚଂଚୁର ପାଖରେ
କାରଣ ଇତର ହେଲେ ବି
ସେ ବି ମାଆଟିଏ ତ ॥

❐❐❐

ଅପେକ୍ଷା


ତୁମେ ଆସିବ ବୋଲି
ଲୁହରେ ଲିପିଛି ମାଟି
ଲହୁରେ ଦେଇଛି ଝୋଟି
ସଜାଇ ଦେଇଛି ହୃଦୟ ତୋରଣ
ଯୋଜନ ଯୋଜନ ଦୂର
କୂଅମୂଳ ମଲ୍ଲୀଫୁଲ ବାସ୍ନାରେ
ଉତ୍ତେଜିତ ମୋର ସକଳ ନିଃଶ୍ୱାସ
ତୁମେ ଆସିବ ବୋଲି ॥



ତୁମେ ଆସିବ ବୋଲି
ରାସ୍ତା ସାରା ଲାଗିଛି
ମୋ ଆଖିର ଦର୍ପଣ
ବିଛେଇ ଦେଇଛି
ମୋ ସମର୍ପଣର ସତରଂଜି
ତମାମ୍ ରାସ୍ତା
କାଳେ ତମ ପାଦକୁ ବାଧିବ ॥

ଫୁଲ ତୋଡ଼ାରେ ମୋ ମଥାଫୁଲର ବାସ୍ନା
ଧାର ମାଗି ଆଣିଛି ଆମ୍ବବଉଳରୁ
ଫେରସ୍ତ କରିବି ବୋଲି
ଶେଷ ଫଗୁଣ ରାତିକୁ
କୋଇଲିର ପ୍ରତି ଗୁଂଜନରେ
ନିଦାଘର ଦାରୁଣ ଦଗ୍ଧ ସମୟ ବେଳେ ॥

ତୁମେ ଆସିବ ବୋଲି
ମୋ ଶରୀର ସୁଆତି ପଲଙ୍କେ
ଶତାବ୍ଦୀ ଶତାବ୍ଦୀର ଭୋକ
ଓ ମୋ ମଥା ତଳେ ସୃତିର
ନିଃସଙ୍ଗ ତକିଆ
ଅପେକ୍ଷାରତ, ଗୋଲାପୀ ଓଠରେ
ଯୁଗଯୁଗର ବେଉରା
ତୁମେ ଆସିବ ବୋଲି ॥



ଅବଗୁଣ୍ଠନରେ ରାତି ପାହିଯାଏ
ଆଖିର କଜ୍ଜଳ ଆଖିର ଲୁହରେ
କିଏ ଚିଟାଉ ଲେଖାଏ,
ପାହାନ୍ତି ପହରେ
କିଏ କହି ଦେଇଗଲା
'ତୁମେ ଆଉ ଆସିବନି
କେବେ ଆଉ ଆସିବନି ।'


❐❐❐

କାକୁସ୍ଥ ସମୟ

ବନ୍ୟାପରେ -
ଶଗଡ଼ ବଳଦ ପରି
ହାମ୍ଫୁଡ଼େଇ ପଡ଼ିଛି ମୋ ଚାଳଘର
ପାଞ୍ଚଣ ମାରି ମାରି କି
ଥକିଗଲେ ଯିଏ ଆଉ ଉଠିବନି
ପିଲା ଦି'ଟା ମଥାରେ ପଲିଥିନ୍ ଜରି ଢ଼ାଙ୍କି
ବସିଛନ୍ତି ଧାନବସ୍ତା ଭାଡ଼ି ଉପରେ ପୁଣି ବର୍ଷା
ଅନର୍ଗଳ ବର୍ଷା ।
ମହାନ୍ତି ଘର ଟୋକା ମାଛ ଧରିବା ବାହାନାରେ
ଚାହିଁଛି ମୋ ଦୁଆରଆଡ଼କୁ
ଘରର ମରଦ ବର୍ଷେ ହେଲା ହାଇଦ୍ରାବାଦ ଗଲାଣି ଯେ
ଖବର- ବେଉରା କିଛି ନାହିଁ
କ୍ରମଶଃ ବିକ୍ରି ହୋଇ ଚାଲିଛି
ସୁନା, ରୂପା, ପିତ୍ତଳ, କଂସାର ସଂସାର
ବାକି ଅଛି
ଯେ' କଞ୍ଚା ଦେହ ଓ ତତଲା ପେଟର ମାନଚିତ୍ର ।
ମୁଁ ଭୋକ ପାଇଁ ବ୍ୟସ୍ତ ।
ଗାଁ ତମାମ ମୋ ଦେହ ପାଇଁ ବ୍ୟସ୍ତ
ସବୁସନ୍ଧିରେ ଭୋକର ନିଉଛଣା ପ୍ରକୃତି
ସମୁଦ୍ର ଜଳ ପରି ବାଛ, ବିଚାର ନାହିଁ ।
ଦରପୁର ଗାଁର ଦଳେ ଟୋକା ଫେରିଲେ
ସୁରାଟ ବୋଲି କଉଁ ଜାଗାରୁ
ମରଦର ସୁରାକ ପାଇବାକୁ ଦରପୁର ଗଲି ଯେ
ଶୁଣିଲି- ସେ ସରାବ୍ ପିଉଛି,



ରାଣ୍ଡୀ ବାଡ଼ି ଆଡ଼େ ଯାଉଛି
ସଟ୍ଟା ଖେଳୁଛି ।
ମାଇପ, ଛୁଆଁଙ୍କ କଥା କହିଲା ବେଳକୁ
ଦାର୍ଶନିକ ପରି ଭାଷଣ ମାରୁଛି ।
ବର୍ଷା ଥମୁନି । ଥମୁନି ମହାନ୍ତି ଟୋକାର
ପ୍ରଖର ନିଃଶ୍ୱାସ
ଥମୁନି ପିଲା ଦି'ଟା ତ ଦି'ଟା
ମୋ ନିଜ ପେଟର ଭୋକ
ଥମିଯାଉଛି ରହିଯିବାକୁ
କୂଳଭୂଆସୁଣୀ ରୂପ ଓ ଭେକରେ
ମାଆ ପଣ ଓ
ହାତରେ ପିନ୍ଧିଥିବା ପାଣିକାଚ
ଥମିଯାଉଛି ପିତୃପୁରୁଷଙ୍କ ଭରସାର ନିଃଶ୍ୱାସ
ଥମିଯାଉଛି କ୍ରମଶଃ
କସ୍ତା ଶାଢ଼ୀରେ ଢ଼ାଙ୍କୁଥିବା
ପଳ ପଳ ଯୌବନର ଦୃଶ୍ୟ
କାହାକୁ ଢ଼ାଙ୍କିବି ଯେ
ପିଲାଙ୍କୁ ନା ନିଜକୁ
ଛାତିକୁ ନା ମୁଣ୍ଡକୁ
ପେଟକୁ, ନା ତଳକୁ




ସବୁ " ଘାଇଯାକ ମୁକୁଳା"
ଏତେ ବର୍ଷା ବିନ୍ଦୁରେ
କିଏ ଯେ ଦେଖିପାରିବ
ମୋ ଆଖିରୁ ବର୍ଷୁଥିବା
ଲହୁର ବିନ୍ଦୁକୁ ?
ଅଦୃଶ୍ୟ ଛାତିର କୋହକୁ
ପେଟରେ ଜଳୁଥିବା ଅଗ୍ନାଶୟର
ନିଆଁକୁ ?

ହଁ, କେହି ଯଦି ଦେଖିବ -
ଦେଖିବ ମୋ ମୁକୁଳା ସ୍ତନକୁ
ଅନାବୃତ୍ତ ପେଟ ଓ ପେଟର ତଳକୁ
ତମାମ ମୋ ଲଙ୍ଗଳା ଦେହକୁ ।

□□□

କେବେ ତମେ ହସିବ ଈଶ୍ୱର


ପାଷାଣ ମୂର୍ତ୍ତିର ଶରୀରେ
ନା ଅଛି ରକ୍ତ ନା ମାଉଁସ
କେମିତି ଜିଇଁଛି ଈଶ୍ୱର ?
କଥା ଜମା ହେଉନା, ଭୋଗ ବି
ଖାଉନ । କୋକେଇ ବନ୍ଧାକୁ
ଅପେକ୍ଷାରତ ମଣିଷ ପରି ନିଶ୍ଚଳ, ନିର୍ବେଦ ।



କେଉଁ ଅଭାଗା ରାତିରେ
ତାଡ଼ି ନେଲେ ତୁମ ସୁନା / ରୂପାର
ଆଖି, ଚୋରେଇ ନେଲେ ବି
ତୁମ ଥାଳି, ଚୂଳି ଘଣ୍ଟା ଓ ମୁକୁଟ
ସକାଳୁ ସକାଳୁ ଗ୍ରାମବାସୀଙ୍କ ଠୁଁ ଗ୍ରାମରକ୍ଷୀ
ପୋଲିସ୍ ଠାରୁ ପବ୍ଲିକ୍ କାହାରିକୁ
ତୁଣ୍ଡ ଖୋଲି ପଦୁଟିଏ କହୁନା ॥

ତଥାପି ଆମେ ମଣୁଛୁ
ଛୁଆଁ, ଅଛୁଆଁ ମନ୍ଦିରରେ ବିରାଜମାନ
ନିର୍ମାୟା ଈଶ୍ୱର
ଖୁବ୍ ଖୁବ୍ ଶକ୍ତିମାନ
ଜଡ଼ ମଧ୍ୟରେ କ୍ରିୟାଶୀଳ
ମନ୍ଦିର ଠାରୁ ଦଶ ହାତ ଦୂରରେ
ତୁହାଇ ତୁହାଇ କାନ୍ଦୁଥାଏ
ବାଉରୀ ଘର ବୋହୂ
ଯାହାର ଜମି, ବାଡ଼ି, ଝିଅର ଇଜ୍ଜତ
କେଉଁ ପୁରୁଷରୁ ହୋଇଗଲାଣି ଲୁଟ୍ ତରାଜ ॥

କହୁ କିଏ ଦେଖିଛି ଈଶ୍ୱରଙ୍କୁ
ଏଭଳି ବେଶରେ
ଗୋଟେ ସାମନ୍ତ ପଣରେ
ବିଶ୍ୱାବସୁର ଈଶ୍ୱର
ତତ୍‌ଫିର କଲେ କି
ଷାଠିଏ ପଉଟି ଭୋଗ ଲାଗିଲା ପରେ
କଳାହାଣ୍ଡି, କୋରାପୁଟର ଜନଜାତି ଲଳିତ
ମୁମ୍ବାଇ, ସୁଇଟ୍ ରେଡ୍ ଲାଇଟ୍ ଏରିଆରେ
କେମିତି କଞ୍ଚାମାଂସ ବିକନ୍ତି !
ଆମେ ଜାଣିଛୁ ଈଶ୍ୱର
ରାମାୟଣରୁ ମହାଭାରତ
ବେଦରୁ ଉପନିଷଦ
ଖାସ୍ ତାରିଫ୍ ପାଇବା ପାଇଁ
ରଚିଗଲ ମୋଟାମୋଟା ଗ୍ରନ୍ଥ
କଳାପାହାଡ଼ ଏପିସୋଡ୍ ପରି
କଟକରେ ଭଙ୍ଗାଯାଉଛି
ସବୁ ପ୍ରକାର ଈଶ୍ୱର, ଈଶ୍ୱରୀଙ୍କ ମନ୍ଦିର
ଭକ୍ତ କାନ୍ଦି କାନ୍ଦି ଏବେ ଥକିଗଲା ପରେ
ବିଶ୍ୱାସ କରୁଛି
ଏଠି ବୋଧେ ନଥିଲେ ଇପ୍ସିତ ଈଶ୍ୱରୀ କି ଈ



ଏବେ ଲାଗୁଛି
ଯାହା ଯେଭଳି ସଜାଇଛୁ ଈଶ୍ୱରଙ୍କୁ ଅଭିନେତା ଧର୍ମ
ଯାହା ଯେଉଁଠି ବସାଇଛୁ ଈଶ୍ୱରଙ୍କୁ ଖଟୁଳୀରୁ ମନ୍ଦିର
ଯାହା ଯେମିତି କଟକଣା
କରିଛୁ ଈଶ୍ୱରଙ୍କ ଭଲ ପାଇଁ
ଯାହା ଯେମିତି ବାଟବଣା


ହୋଇଛନ୍ତି ଦଳେ ନିଷ୍ପେସିତ ମଣିଷ
ଈଶ୍ୱରଙ୍କ ପାଇଁ
ଯାହା ଯେମିତି ଭୋଗରାଗ
ବାଇଦ, ରୋଷଣୀ ଢ଼ଙ୍ଗଢ଼ାଙ୍ଗ
ରୀତି, ନୀତି, ପ୍ରୀୟାପ୍ରୀତି
ସବୁ ଆମରି ପାଇଁ
ନିର୍ଦ୍ଦୟ ସଂସ୍କୃତିର ଦ୍ୱାହି ଦେଇ ॥

❐❐❐



ସପସାପ

ରାସ୍ତାରେ ଶୋଇଛି ସାପ
ସପରେ ଶୋଇଛି
ସତରଟି ବସନ୍ତର
ସପ୍ତଫେଣୀ,
ସମର୍ପି ଦେଇ
ସକଳ ଭବିଷ୍ୟ
ବିଧିର ବିଧବା ହାତରେ ॥



ପାହିଲା ରାତି,
ପାହାନ୍ତି ପହରେ
ଲୋକେ ଦେଖିଲେ
ରାସ୍ତା ଓ ସପ
ଉଭୟ ରକ୍ତାକ୍ତ । ଗୋଟେ
ପୋଷ୍ଟମର୍ଟମ ହେଲା
ଅନ୍ୟଟି ପାଇଁ ଦର୍କାର ନଥିଲା ॥

ସାପମାନେ ତ ଚିରକାଳ
ମାଇପିଙ୍କ ପରି ଅଙ୍କାବଙ୍କା
ସଳଖରେ ରାସ୍ତା ପାର
ହୋଇପାରନ୍ତି ନି
ସାପ ଓ ସୁନ୍ଦରୀମାନେ
ଛନ୍ଦି ହେଇଯାଆନ୍ତି,
ଦ୍ରୌପଦୀମାନଙ୍କ ଶରୀରରେ ସଂପ୍ରତି
ତମାମ ଆର୍ଯ୍ୟାବର୍ତ୍ତରେ
ଦୁର୍ଯ୍ୟୋଧନୀୟ ନିଃଶ୍ୱାସ ॥

ମଶା, ମୂଷା ଓ ମଣିଷ
ରକ୍ତ ଶୋଷିଲାବେଳେ ଭୁଲିଯାନ୍ତି
ଈଶ୍ୱରଙ୍କ ଆଦ୍ୟ ଉଚ୍ଚାରଣ । ସେମାନେ ଜାଣିଥାନ୍ତି
ପାଇବାର ଉଲ୍ଲାସରେ
ଆତ୍ମହତ୍ୟାର ପର୍ବର ପ୍ରାରମ୍ଭ ପ୍ରତିଦିନ, ପ୍ରତି ମୁହୂର୍ତ୍ତରେ
ନିଗିଡ଼ି ପଡୁଥାଏ ଟୋପାଟୋପା ରକ୍ତ ॥

❐❐❐



ନିର୍ଜ୍ଜନ ପଣ

ନିଃସଙ୍ଗତାର ନିଃଶ୍ୱାସ ମାରୁଥାଏ
ଦୂର ପାଟବିଲ ମଝିରେ
ଜୀଇଁଥିବା ଗଛଟିଏ
ଆଜିକାଲି ତମାମ ମଣିଷ ସେଇମିତି ॥

ଢ଼ୋ ଢ଼ୋ ବନ୍ୟା
ଡ଼ହ ଡ଼ହ ଖରାରେ
ଯିଏ ତିଷ୍ଠି ରହେ
ଯିଏ ଦେଖୁଥାଏ
ମୃତ୍ୟୁର ଯମଦୂତମାନଙ୍କୁ
ଅହର୍ନିଶି ସକାଳୁ ସଞ୍ଜଯାଏ ॥


ହାଡ଼ଭଙ୍ଗା ଶୀତରେ
କାଙ୍କୁରି ଗଲେ ବି
ପୁଣି ହସି ସକାଳ ସୂର୍ଯ୍ୟରେ
କାକର ବିନ୍ଦୁମାନେ
ମରିବା ପୂର୍ବରୁ
କାହାକୁ ନେହୁରା ହୁଅନ୍ତି
ଗଛ ସବୁ ଦେଖୁଥାଏ ॥

କୁଆଁଟିଏ କଅଁଳିଲେ
ଗଛର ପେଟରୁ
ସବୁଦୁଃଖ ଭୁଲି ଭୁଲିଯାଏ
ଏକ ଆଶ୍ୱସ୍ତ ପଣରେ
ହାତ ମାରୁଥାଏ
ବର୍ଦ୍ଧିତ ଭ୍ରୁଣର ଶରୀର ॥



ଗଛ ସିନା ଜାଣେନି
କିଏ ରୋପି ଦେଲା
ବନ୍ଧ୍ୟା ଭୂମିରେ
କିଏ ଚିହ୍ନାଇ ଦେଲା ପଞ୍ଚଭୂତର
ଆମନ୍ତ୍ରଣ ଓ ନିର୍ବିକାର ଆତ୍ମୀୟତା
କୁଆଁଭ୍ରୁଣ କ'ଣ ଅନୁଭବିଛି
ବନ୍ଧ୍ୟାମାଟିର କଷଣ ଓ ଆକର୍ଷ


ଗଛ ଜାଣେ ଦିନେ ନା ଦିନେ
ଶୁଖି ଶୁଖି ଯିବ । ସବୁ ଡ଼ାଳ,
କୁରାଢ଼ୀଟିଏ ଲୋଡ଼ାହେବ
ଗଛ ଠାରୁ କୁଆଁକୁ
ଛିଡ଼ା କରାଇବାକୁ ଏକ
ନିର୍ଦ୍ଦିଷ୍ଟ ବିନ୍ଦୁରେ ଏକା ଏକା ।
ସେତେବେଳେ ଲୁହମାନେ ଅପ୍
ତମାମ ଅନ୍ଧାର ଭିତରେ ॥



ବିପିଏଲ୍ ମଣିଷ

ଶୋଷରେ ବହୁ ତକ୍‌ଲିଫରେ
ଈଶ୍ୱରଙ୍କୁ ଭେଟିଲି ଡ଼ାକବଂଗଳାରେ
ଟଙ୍କାକିଆ ଚାଉଳ ପାଇଁ ହାତଯୋଡ଼ି
ଅନେକ ନେହୁରା ହେଲି
ଈଶ୍ୱର କହିଲେ : ତୋ ନାଁ ନାହିଁ
ବିପିଏଲ୍ ତାଲିକାରେ । ଏଥର ଯାଉ
ଆରଥରକୁ ॥

ସବୁଥର ଭୋଟ ଆସିଲେ
ଆମ ଧୂଳିଦାଣ୍ଡ ପାଲଟେ ଅଥାଇ ଗହଳ ପ
ସତେ ଗୋପଦାଣ୍ଡ
ହସ ହସ ମୁହଁରେ ଦେଶ ଓ ମେଷ ପାଳକ
ହାତଯୋଡ଼ି ଭୁଲ୍ ସ୍ୱୀକାର କରନ୍ତି
ବସି ପଡ଼ନ୍ତି ବିନା ସପମଶିଣାରେ
ମୋ ଭାଗ୍ୟ ଭଂଗା ପିଣ୍ଡାରେ
ମୋ ଅରକ୍ଷିତ କାନ୍ଧ ଛୁଉଁଥାଏ
ତାଙ୍କ ସୁବର୍ଣ୍ଣ ଅଂଗୁଳି ଓ ପାପୁଲି ଥାପୁଡ଼ା
ବିଧବା ଭତ୍ତା ଫର୍ମରେ ଚଢୁଥାଏ
ତତ୍‌କ୍ଷଣାତ୍ ଅଶୀତ୍ତୋର ମୋ ମାଆର
ସଇଟିପ
ହଠାତ୍ ଝାଳେଇଯା'ନ୍ତି 'ମହାତ୍ମାଗାନ୍ଧୀ'
ମୋ ହାତ ମୁଠାରେ
ନାଁ, ହଁ ର ଦ୍ୱନ୍ଦରେ ଧକେଇ ହୁଏ
ମୋ ପରି ଅଭାବୀ ମୁରବୀ



ଜାଣୁଥିଲେ ବି ମନା କରିପାରେନି ତାଙ୍କର
ସକଳ ଶକୁନି - କୌଶଳ ॥

'ଏଥର ନୁହେଁ, ଆର ଥରକୁ'ର
ଦଶାକ୍ଷର ମନ୍ତ୍ର ସେ ଦିନରୁ ଜପୁ ଥାଏ
ମୋ ପରି କ୍ଷୁଧିତ ଅନଭ୍ୟସିତ ମଣିଷମାନଙ୍କର
ପ୍ରାୟ ଗାଧୁଆବେଳ ବିତେ
ଅଧୂମକ ଚୂଲି ଓ ଚାଳର ଦୃଶ୍ୟରେ ॥

ଘର କହିଲେ : ମୂଷା ଢ଼ମଣାଙ୍କ ଦ୍ୱନ୍ଦୀକ୍ଷେତ୍ର
ଚାଳ କହିଲେ : ସୂର୍ଯ୍ୟଚନ୍ଦ୍ରଙ୍କର ଅବାଧ ପ୍ରବେଶ ॥

ଈଶ୍ୱରଙ୍କୁ ପୁନଶ୍ଚ ଡେ
ବ୍ଲକ ଅଫିସ୍ ଥଣ୍ଡାଥ
ସେ କହିଲେ : ତୁ
ଓଡ଼ିଶା ପ୍ରତି କେନ୍ଦ୍ରଙ

ଦାଣ୍ଡପିଣ୍ଡାରେ ଲୋଡ଼
ଶୂନ୍ୟ ଚେହେରା ଓ ଫ
ତତେଇ ଦିଏ ମୋ
ଗୁରୁଣ୍ଡି ଗୁରୁଣ୍ଡି ମାଆ
ଲୁହ ଭିଜା ସନ୍ତିଆ
ଅସ୍ତମିତ ରାଗରେ



ବର୍ଷା ନଥିଲେ

ବର୍ଷା ନାହିଁ ବୋଲି ଚାଷୀର ଆଖିରେ ଲୁହ
ବର୍ଷା ନାହିଁ ବୋଲି କବିର ଛାତିରେ କୋହ

ବର୍ଷା ନଥିଲେ ଅକ୍ଷରମାନେ ପାଲଟି ଯା'ନ୍ତି
ବୁଣା ଯାଇଥିବା ବିହନ ପରି ଗଜା ମରୁଡ଼ି
ହାହାକାରର ହାତୁଡ଼ି ପିଟୁଥାଏ କାଳ-ଭୈରବ
ହିଡ଼ମୁଣ୍ଡରେ ଚାଷୀକୁ
ରାତିର ମଧ୍ୟମ ପ୍ରହରେ କବିକୁ ॥

ମାଲ୍ୟାବନ୍ତ ପାହାଡ଼ର କେଉଁ ପଥର ଚଟାଣର
ଦେହ ଛୁଇଁ ଛୁଇଁ ମେଘମାନେ ଅସମ୍ଭବ
ଇରୋଟିକ ଲାଗୁଥିଲେ ଯେ
କାଳିଦାସ ଦୂତୀ ରୂପେ ନିର୍ବାଚିତ କଲେ ସେମାନ
ଆଜି ସେମାନେ ଅନନ୍ୟପୂର୍ବା ॥

ଏବେ ପାହାଡ଼ମାନେ
ବାଗଦାଦ୍ ସହରର ଇରାକୀ ବାସିନ୍ଦା
ପ୍ରତିମୁହୂର୍ତ୍ତରେ ଯେଉଁମାନଙ୍କ କଲିଜା ଓ କପାଳ
ଡ଼ିନାମାଇଟ୍ ବିସ୍ଫୋରଣେ ବାସଚ୍ୟୁତ
ବାସହରା ପାହାଡ଼ମାନେ ପଣ୍ୟବନ୍ଦୀ
ଭାରତୀୟ ନର୍ସମାନଙ୍କ ପରି
ରାଜରାସ୍ତା କ୍ରସର ପାଖରେ ॥

ରାଜଧାନୀର ପ୍ରତି କୋଠା, ରାସ୍ତା, କଲଭର୍ଟମାନେ
ମାଲ୍ୟାବନ୍ତ ପାହାଡ଼ର ଅଂଶ ବଅଂଶ
ରାଜମହଲ ଫ୍ଲାଇଓଭର ବ୍ରିଜର ନିରୋଳା ମୁହୂର୍ତ୍ତେ
ପ୍ରେମ ବାଣ୍ଟୁଥିବା ତରୁଣ - ତରୁଣୀ





ବୋଧେ କାଳିଦାସଙ୍କ ପରି ନୁହଁନ୍ତି
ଏକା ଏକା ଜନପଦ ଛାତିରେ
ସୁତରାଂ କମିଶନରେଟ୍ ପୋଲିସକୁ
ଦୋଷ ଦେଇ ଲାଭ କ'ଣ ?

'ମେଘଦୂତମ୍' କାବ୍ୟର ନାୟିକା ପାଇଁ
ବିଚ୍ଛେଦରେ ସିଝୁଥିବା କାଳିଦାସ କେବେ
ଭାବିଥିବେ କି ଆଷାଢ଼ର ଦଶଦିନ ସମାପ୍ତି
ବର୍ଷାହୀନ ଉତ୍ତଳର ମାଟି
ଧାନବିକ୍ରୀ କରି ବାଣୀବିହାରରେ ପାଠ ପଢ଼
ଟଙ୍କା ପଠଉଥିବା ଚାଷୀ ବାପର କଷଣ
ରମାଦେବୀ କଲେଜରେ ପଢୁଥିବା ଭଉଣୀ
ହରି ପଧାନ ରଇତର ଗଂଜଣା
ଘରେ ଛଅ, ସାତ ପରାଣୀଙ୍କ
କ୍ଷୁଧାର ଯନ୍ତ୍ରଣା
ଫି' ଥର ପରି ରାଜନେତାମାନଙ୍କର
ତୁଚ୍ଛା ଆଶ୍ୱାସନା ॥

ପ୍ରେମ ହସ୍ପିଟାଲ୍ ଠୁ ଯୁଦ୍ଧକ୍ଷେତ୍ର
ମହାକାଶରେ ବି ହୁଏ
କଂକ୍ରିଟ୍ ଜଙ୍ଗଲର ମାୟାବିନୀ ସହର
ବର୍ଷା ହେଉ ବା ନ ହେଉ
ପାର୍କ ଠାରୁ ଫ୍ଲାଏ ଓଭର
ହୋଟେଲ୍ ଠାରୁ ଆର୍ପାଟମେଣ୍ଟ
ସବୁଠି ଲାଗିଛି, ଲାଗୁଥିବ
ପ୍ରେମ ନାଁରେ ନାନାଦି ହୁନ୍ଦର ॥



ବିଘେ ଜମି

ଭଦ୍ରକ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳଙ୍କୁ
ଦରଖାସ୍ତ କଲା ବିଶୁନି ଜେନା
ବିଘେ ଜମି ପାଇଁ
ଶୁଣିଥିଲା ଭୂମିହୀନମାନଙ୍କୁ ମାଗଣାରେ ମିଳୁଛି ବସୁଧା ।

ଧାଇଁଲା ଏ ଦପ୍ତରରୁ ସେ ଦପ୍ତର ଚିରୁକୁଣୀ ପରି
ସେମାନେ ଶୁଣିବେ କ'ଣ ତା' ଦୁଃଖ । ତା ବେଶଭୂଷା ଦେଖି
ନାକ ଛୁଇଁଗଲା ସଂଭ୍ରାନ୍ତ ଆଖି ଓ କପାଳ
କପାଳ ଛୁଇଁଗଲା କେଶହୀନ ଚକ୍ରାନ୍ତିଆ ମସ୍ତକ

ଯେତେ କାକୁସ୍ତ ମୁଦ୍ରାରେ ନଇଁପଡ଼ିଲେ ବି କିଏ ତାକୁ
ଫିଙ୍ଗି ଦେଉଥାଏ ବାରମ୍ବାର । ଅର୍ଦ୍ଧଳିର କଂସ ଭୁରୁଡ଼ିରେ
ଖସି ପଡୁଥାଏ ଦଳିତ ଦେହର କଳିଜା ।
ଚତୁର୍ମାସିଆ ଚୂଲିରେ ପାଣି ପଶିଲା ପରି ବତୁରିଯାଉଥାଏ
ଜୀଇଁ ରହିବାର ପଣ ।

କେତେ କମେଇ କରିବ ? କଳନ୍ତର ସୁଧ ତ ସାପଚକ୍ର ।
ସବୁଦିନ ସଂଜକୁ ଫେରିଲେ ଶେଷ ଗାଁ ଗାଡ଼ିରେ
ଅବୋଧ ଆଖିମାନେ ତାକୁ ଡ଼ବଡ଼ବ ଆଖିରେ ଚାହାଁନ୍ତି
କାହାକୁ ବୋଧିବ କେଉଁ ଭାଷାରେ
ଚୁପ୍‌ଚାପ୍ ଶୋଇପଡ଼େ ପାଣିଢ଼ାଳେ ପିଇ ।

ଗାଁ ଭିତରକୁ ହେଟା ବାଘ ଆସିଲା ପରି ଦିନେ ଆସିଲା
ସାହୁଘର ସାନବୁଢ଼ା । ତେରସ୍ତା ମାସରୁ ପାଉଣା ପାଇନି
ନେହୁରା ହେଲା ବିଶୁନି: ସାଆନ୍ତେ ! ମୋ ଛୁଆଙ୍କ ରାଣ
ମୁଣ୍ଡ ଛୁଇଁ କହୁଛି, ଆଜ୍ଞାଙ୍କର ପାଉଣା ନିଶ୍ଚେ ଭରଣା କରିବି
କାମଟା ଖାଲି ମୁଣ୍ଡଠେକି ଯାଉ ॥




ନିଉଛୁଣା ସାହୁବୁଢ଼ା ଧକ୍କାଟିଏ ଦେଲା ବଙ୍କୁଲି ବାଡ଼ିରେ ॥
ସାହୁବୁଢ଼ା ଉଧାର ଦେଇଛି ଦି' ହଜାର
ଜମି ଯୋଗାଡ଼ ବାବଦରେ ସାହୁବୁଢ଼ା
ସାନପୁଅ ସରପଞ୍ଚ ବିଶୁନି ଠୁଁ ନେଇଛି ତିନିହଜାର
ସୁଧ ବଢୁଛି ନାବାଳିକାର ଗର୍ଭପରି
କହି ହେଉନି କି ସହି ହେଉନି ॥

ରାତି ପାହିଲାରୁ ଗାଁ ସାରା ହାଉଳି ପଡ଼ିଛି
ବିଶୁନି ଭୋଇର ତାଟି କବାଟ ଖୋଲୁନି
ବେଳ ଦି' ଘଡ଼ି ହେଲାଣି ।
ହାବିଲଦାରବାବୁ ଆସିଲେ
ୟୁ.ଡ଼ି. ମାମଲାଟିଏ ହେଲା
ପାଞ୍ଚଜଣଙ୍କ ମଲାଫଟ ଗାଁ ଲୋକେ
ଟି.ଭି.ରେ ଦେଖିଲେ ॥

ବେଜାଏ ଖୁସି ହେଲେ : ଯା' ହଉ ଫଟ ବାହାରିଛି
ବିଶୁନି ପରିବାର ସହ ଆମର ।

❐❐❐




ବେକାଇଦା

ଦୁର୍ଭାଗା ମଣିଷ ମୁଁ ଏମିତି ଯେ
ନା ଅଜାଡ଼ି ପାରୁଛି କୋହ
ନା ଝରାଇ ପାରୁଛି
ମୋଠୁଁ ଆହୁରି ନିଃସ୍ୱ
ମୋ ଦୁଇ ଆଖିର ଲୁହ ॥

କେହି ଜଣେ ତ ମୋ କାକୁସ୍ଥ
ପୃଥିବୀର ପରିଧି ସେ ପାଖେ
ଅପେକ୍ଷାରତ
କହିଦେବ ତା' ଦୁଃଖ ଦୈନ୍ୟର ଉପପା
ମୋତେ ତ 'ମୁଁ ପଣ'ଢ଼ାଙ୍କି ପକାଉଛି
କେଉଁ ବାଡୁଅ ଝିଅର
ପାପ ଗର୍ଭ ପରି ॥

କେହି ବୋଧେ ଡ଼ାକି ଡ଼ାକି ଥକି ଗଲା
ନିଛାଟିଆ ନଦୀ କୂଳରେ କି
ବିଚ୍ ଗାଁ ଦାଣ୍ଡର ଛାତି ଉପରେ
ଆସୁନ ! ଆସ ସାମିଲ୍ ହୋଇଯିବା
ଶବବାହକମାନଙ୍କ ଆଖି ଓ
ନିର୍ଦ୍ଦୟ ହାତମାନଙ୍କ ସହିତ
ଯେଉଁଠି ଆଉ କେତେ ମୁହୂର୍ତ୍ତପରେ
ବନ୍ଦ ହୋଇଯିବ
'ରାମନାମ ସତ୍ୟ ହେ'ର କୋରସ୍ ॥


❐❐



ଖବର କାଗଜ

ପ୍ରଥମ ପୃଷ୍ଠାରେ ଲାଜକୁଳୀ ଲତା ପରି
ପ୍ରଧାନମନ୍ତ୍ରୀଙ୍କ ଜାତି ଉଦ୍ଦେଶ୍ୟରେ ବାର୍ତ୍ତା ।
ଦୁର୍ନୀତି, ରାହାଜାନିର ସବିଶେଷ ସମ୍ବାଦ
ଅବଶିଷ୍ଟାଶଂ ଦ୍ୱିତୀୟ / ଚତୁର୍ଥ / ସପ୍ତମ ପୃଷ୍ଠାରେ
ଅବସରପ୍ରାପ୍ତ ମଣିଷମାନେ ନିଖିଟେଇ ପଢୁଥାନ୍ତି
ନିଲାମ ବିଜ୍ଞାପନ ପର୍ଯ୍ୟନ୍ତ ॥

ଆର୍ଥିକ ସଂଶୋଧନ, ମା ଓ ତାଣ୍ଡବ,
ଜଳବାୟୁ ପରିବର୍ତ୍ତନ, ନିର୍ବାଚନ ଜୟ ପରାଜୟ
ତାଲିବାନଙ୍କ ଆକ୍ରମଣ, ସମ୍ବିଧାନ ଽ
ମହମ୍ମଦଙ୍କୁ ଅପମାନ- ଦଖଲ କରନ୍ତି
ପ୍ରଥମ ପୃଷ୍ଠା, ସମୟ ନ ଥିଲେ
ଆଖି ପହଁରୁଥାଏ ଖାଲି ଶିରୋନାମା




ସାର୍କଠାରୁ ଜି-୮
ଏଲ୍.ଓ.ସି.ରେ ତାରବାଡ଼ ଓ ଗୁଳିକା
ରାଷ୍ଟ୍ରୀୟ ଦୁର୍ନୀତିର ମହାକାବ୍ୟ
ବାରାକ ଓବାମାଙ୍କ ସ୍ୱୀକରଣରେ ଽ
ତା'ପର ପୃଷ୍ଠା
ବଡ଼ ଜବର ରାଇଜ ଖବର
ଫଟୋ ଫଟୋରେ ନିର୍ବାଚନ ପ୍ରଚା
ଶିଳାନ୍ୟାସ, ଉଦ୍‌ଘାଟନ, ଫଳକରେ ଶହେ ନାମ
ଶ୍ରଦ୍ଧାଞ୍ଜଳି, ସ୍ମୃତିତର୍ପଣ, ମୁବାରକ ଜନ୍ମଦିନ ।
ଯଉଁଠି ଜନ୍ମ ସେଇଠି ମରଣ ।
ଡ଼ାହାଣ ପଟକୁ ପି.ଏଚ୍.ଡ଼ି.ଲାଭ
ଦରକାରୀ କାଗଜାତି ହଜିଛିର ସଙ୍କୁଚିତ ବିଜ୍ଞାପନ ॥

କ୍ରୋଡ଼ପୃଷ୍ଠାରେ ସମ୍ପାଦକୀୟ କୋଳମଣ୍ଡନ
ଶୁକମୁନି ସ୍ତମ୍ଭକାରଙ୍କ ନୀତି, ନୈତିକତାର ବୟାନ
ସମ୍ପାଦକଙ୍କୁ ପତ୍ର, ସଂସାର ସଂସ୍କାରର ଦିବ୍ୟଦର୍ଶନ
ସି.ଏ.ଜି. ରିପୋର୍ଟ ପରି ହାତୀମାନଙ୍କ ପେଟ,
ଅନ୍ତନାଡ଼ିର ମୂଲ୍ୟାଙ୍କନ । ବଧୂହତ୍ୟା, ଗଣଧର୍ଷଣର ବିସ୍ଫୋରଣ ।

ଗରିବ ଓଡ଼ିଆ ଖବର କାଗଜରେ
ପ୍ରାୟ ବ୍ୟବସାୟିକ ପୃଷ୍ଠା ଚିରକାଳ ଜାତୀୟ ଜାତୀୟ
ବ୍ୟବସାୟ ତ ଆମର ଯୁବତୀ, ଶିଶୁ ଚାଲାଣ
ବଟି, ପାଣ୍ଠି ଠିକଣା ନ ହେଲେ
ଏମାନେ ହୁଅନ୍ତି ଜି.ଆର୍.ପି.ରୁ ଉଦ୍ଧାର
ଗୋଟି ଗୋଟି ଖଣି କୋଟିକୋଟି ଟଙ୍କା ପାଣି
ମହାପାତ୍ରେ ଖାଉଛନ୍ତି ଆମ ସର ଲବଣୀ ॥

ଖେଳପୃଷ୍ଠା ଅଲମ୍ପିକ ତାଲିକାରେ
ଭାରତକୁ ଖୋଜା ହୁଏ ତାଲିକାର ତଳଆଡୁ
ଅର୍ଦ୍ଧନଗ୍ନ ବକ୍ଷୋଜ କେଉଁ ଟେନିସ୍‌ତାରକାର
ସବାତଳକୁ ପ୍ରକାଶକ, ସଂପାଦକଙ୍କ ନାମ ଓ ଠିକଣା
ସରିଯାଇଥାଏ ସମ୍ବାଦ ଦୈନିକ
ଠୁଙ୍ଗାଶିଳ୍ପର କଞ୍ଚାମାଲ ଅନେକ, ଅନେକ ।


❐❐❐



ସିଢ଼ି ଓ କଲିଜା

ଜୀବନ ସିଢ଼ି ଫଳି ପରିକା
ଛାତିର ପିଞ୍ଜରା ହାଡ଼
ଛପର ଆଗକୁ ପ୍ରଲମ୍ବିତ
ସିଢ଼ିର ଆକାର ପହଞ୍ଚାଇବାକୁ ଅକ୍ଷମ ଶରୀର ।

ପିଞ୍ଜରା ହାଡ଼ର ଅଦୃଶ୍ୟ ଥାନରେ
କିଏ ଲୁଚାଇ ରଖିଛି କଲିଜା
ସିଢ଼ି ଫଳି ତୟାରିଥିବା ମଣିଷ
ଚଢ଼େ ନାହିଁ ସିଢ଼ି । ନ ଥାଏ ବି ସେ
ସିଢ଼ିର ଆଖ ପାଖରେ ॥



ରାସ୍ତାପରି ସିଢ଼ି ବି ଗୋଟେ ମାର୍ଗ
ଗୋଟେ ଭରସାର ସେତୁ
ଭୂମିରୁ ଭୂମାକୁ । କଲିଜା ତ ଘୁଣ ଖାଉଥାଏ
ସିଢ଼ିର ଦୁଃଖରେ । କାଳେ କିଏ କୁମ୍ଭୀର ପରି
ଅପହୃତ କରିନେବ କେତେବେଳେ ॥

ସିଢ଼ିଫଳି ଭାଙ୍ଗିତୁଟି ଗଲେ
ଖଣ୍ଡେ ଦଉଡ଼ିରେ ବାନ୍ଧିଦିଏ
ଗୃହସ୍ୱାମୀ ।
କାମ ଚଳେଇ ନେବାର ଆଧାର ।

କଲିଜା କ'ଣ ତୁଟିଗଲେ
ବାନ୍ଧି ହୁଏ ଦଉଡ଼ିଟିଏ
ସାରୁପତ୍ର ପାଣି ପରି ସଦାକାଳ ଢ଼ଳ ଢ଼ଳ କଲିଜା
ପବନ ଶବ୍ଦରେ ଭୂପତିତ ହୁଏ ଏବଂ ଶେଷ ହୋଇଯାଏ ସବୁକିଛି ॥


❐❐❐

ମାଆ

କହିଦିଅ ମାଆ
କେଉଁଠି ହଜିଛି ତମ
ଅସ୍ମିତାର ପଣତ ?
ମୋ ଏନ୍ତୁଡ଼ି ଷଠିଘର !

କେଉଁଠି ଲୁଚିଛି
ରକ୍ତ-ରଞ୍ଜିତ ଇତିହାସର ଦଲିଲ୍
ମୋ ବେସାହାରା ଜନ୍ମ-ଜାତକ ॥


କେଉଁଠି ଥୋଇ ଦେଇଛ ମାଆ
ମୋ ବୁନିୟାଦର ବହିବସ୍ତାନୀ
ସ୍ମୃତିର ସ୍ଲେଟ, ଖଡ଼ି
ଜାଣିନ କି ଆଉ କେଇ ମୁହୂର୍ତ୍ତରେ
ବାଜି ଉଠିବ
ଜାତିସ୍ମରର ସ୍କୁଲ ଘଡ଼ି ॥



ଶୁଣି ବି ଶୁଣୁନ ମାଆ
ଶୋଇଛ କାଶ୍ମୀରରୁ କନ୍ୟାକୁମାରୀ
ପଲଙ୍କ ଶେଯରେ, ପଳ ପଳ ରକ୍ତର ମାନ
ହଁ, ଯୁଗଯୁଗର ବିନୀଦ୍ର ରଜନୀ
ମାଟିରୁ ଘାଟିଯାଏଁ ଫୁଟୁଛି
ଆତଙ୍କର ବନ୍ଧୁକ
ବଉଦ କନ୍ଧମାଳରୁ ବୋଧିଗୟା ଯାଏ
ଲୋଟୁଛି ପଣତ ଦୁଃଖିନୀ ମାଆର
ପୋଛିବାକୁ ଲୁହ
ପୁତ୍ରେ ତା'ର ନୁହଁନ୍ତି ସମର୍ଥ ॥

କୁନ୍ତୀ ପରି ଦୁଃଖର ଶ୍ରାବଣ ପହଁରୁଥାଏ
ବାରମୂଳା ଘାଟିରୁ ବାଲିମେଳା ଯାଏ ॥

ଜତୁଗୃହ ଠାରୁ ନୈମିସ୍ୟା ଅରଣ୍ୟ
ବିରାଟ ରାଜାର ଉଆସ
ବାରବର୍ଷ ପରିଯନ୍ତେ ଘୋର ବନବାସ



ମାଆ ! ଅସମର୍ଥ ପୁତ୍ର ତୋର
ଦୁର୍ଯ୍ୟୋଧନୀ ମହାକାଳ ସାମ୍ନାରେ
ଉଠ, ଉଠ ମାଆ !
ଗାଏ ତୋର ଆବାହନୀ ଗୀତ
ଆଉଥରେ ରୂପଧର ଛତ୍ରଧାରିଣୀ
ବିନାଶିବା କଳ୍ପେ
ପାମର ମହିଷ ॥

❐❐❐

ନାରାୟଣ

ଯେତେବେଳେ ଦୁଃଖ ପାଲଟି ଯାଉଥିବ
ଚନ୍ଦ୍ରସେଣା, ସେତେବେଳେ ଶ୍ରୀରାଧା ପାଲଟି ଯାଉଥିବେ
ପ୍ରୀତିର ଯମୁନା
ଶବ୍ଦମୟ ହେଇ ହେଇ ଯାଉଥିବ
ଶ୍ରୀକୃଷ୍ଣଙ୍କ ବଂଶୀ,
ଗାୟାଳ ଟୋକାର ବଂଶୀଧ୍ୱନୀ ସତ୍ତ୍ୱେ
ରାସ୍ତା ଚାଲିଥିବେ
'ମୁଁ'ର ଶବବାହକମାନେ ଥାଳ ପଟାଳରେ
ଖୋଜି ଖୋଜି ଅସ୍ତିତ୍ୱର ଅମୃତ ।

କେବେକେବେ ଅମୃତର ଓ୍ୱାର୍ସଦାରମାନେ ସାଜୁଥିବେ
ମୋହିନୀ ରୂପୀ ନାରାୟଣ
ସେତେବେଳେ ବେମତଲବରେ
ନାରାୟଣ, ନାରାୟଣ ଡ଼ାକରେ
ଗୋଲକ ଧାମକୁ ଚମକାଇ ଦେଉଥିବେ
ନାରଦ,
ଅସଲକଥା ବେଳକୁ
ଶିବଙ୍କ ମୁଣ୍ଡରେ ଶୁମ୍ଭ-ନିଶୁମ୍ଭଙ୍କ ହାତ
ପରୀକ୍ଷାଗାରର, ଏସିଡ୍ ଟୋପାରେ
ଭୁରୁଭୁରୁ ହେଉଥିବ ମୋ ପୁରୁଷପଣ ॥



❐❐❐

ହତ୍ୟା

ଏବେ ଈଶ୍ୱର ବି ଓଡ଼ିଶା ଆସିଲେ
ଆତ୍ମହତ୍ୟା କରିବେ ।
କାରଣ ଓଡ଼ିଶାରେ ଏବେ ହତ୍ୟାର ପାର୍ବଣ
ଚାଷୀର ଆତ୍ମହତ୍ୟା- ଲେଙ୍ଗଡ଼ାଗନ୍ଧି ପୋକ କାରଣରୁ
ଭ୍ରୁଣ ହତ୍ୟା- ପୁତ୍ରସନ୍ତାନକାମୀ ମାଆମାନଙ୍କ କାରଣରୁ
ନରହତ୍ୟା- ମାଓବାଦୀଙ୍କ ନିବିଡ଼ ଦର୍ଶନ ପରିଣାମରୁ ।
ଏଠି ପାହାଡ଼ ବି ଆଜିକାଲି ଆତ୍ମହତ୍ୟା କରୁଛନ୍ତି
ପ୍ରତିମୁହୂର୍ତ୍ତରେ ॥

ଗଜବେଶୀ ଜଗନ୍ନାଥଙ୍କୁ ବି ଛାଡ଼ ନାହିଁ
ତାଙ୍କ ଶରଧାବାଲି କାରଣରୁ
ପଲପଲ ହାତୀ-ହତ୍ୟା
ଇଲେକ୍ଟ୍ରି ତାରରେ,
ମରିଯାଇ ନ ମରିଥିବା ମଣିଷ ହାତର
ବିଷ ପ୍ରୟୋଗରେ ॥

ବିଚାରା ଜନଜାତି ଭେଣ୍ଡିଆ
ମାଓବାଦୀ ହେଲେ ମଲା - ପୋଲିସ୍ ଗୁଳିରେ
ମାଓବାଦୀ ନ ହେଲେ ବି ମଲା - ମାଓବାଦୀ ଗୁଳିରେ
ଏଠି ପୋଲିସ୍‌କୁ ବି ତ୍ରାହି ନାହିଁ ।
ପୋଲିସ୍ ଜଗୁଛି ପୋଲିସ୍‌କୁ
ବନ୍ଧୁକ ଜଗୁଛି ଥାନାକୁ
ଜଙ୍ଗଲରେ ଯାଉଁ ଯାଉଁ
ଫୁଟୁଥିବ ସୁରକ୍ଷାବଳୟର ଖପୁରୀ
ହତ୍ୟାକାରୀ ହତ୍ୟାହୁଏ
ଗାର୍ଡ଼ ଅଫ୍ ଅନ୍‌ରରେ ସବୁଦିନ
ଶେଷ ହୋଇଯାଏ ବାଉଁଶରାଣୀର ଖେଳ ॥

❐❐❐



ଧାତବ

କ'ଣ ସଞ୍ଚି ହେବ ଧରାସରାରେ
ବ୍ୟାଙ୍କ ଆକାଉଣ୍ଟ, ନିଜ ଆୟୁଷ ନା
ବେକରେ, ହାତରେ ପିନ୍ଧିଥିବା ଧାତୁ ଖଣ୍ଡିକ !
'ତୁ' ଶୋଇ ପଇଲେ ଚୋରପରି
ତୋରି ଆତ୍ମୀୟମାନେ
ଲୁଟିନେବେ ସକଳପଦାର୍ଥ
ଏସବୁ ଜାଣିବାକୁ ବି ନ ଥିବ
'ତୋ'ର ସାମର୍ଥ - ସେଥିପାଇଁ
"ଆରେ କାଉ !
ମଲାପରେ ଗାଡ଼ି, ଶଗଡ଼ ଯାଉ ॥"

ହେଜିବା ପଣ ଏତେ ସୋଜା କି ?
ମାୟା ନଗରୀର ନାଗବନ୍ଧନ ଚାରିଆଡ଼େ
ଚତୁରୀ ଚେତିଲା ପରି
ଚେତନାର ଶୀତଳ ସ୍ପର୍ଶ ମୋତେ ଘାରୁଥାଏ
ତଥାପି କାହିଁକି ଏଡ଼େଇ ଯାଏ
ଜଗନ୍ନାଥ ଦାଶଙ୍କର ଶ୍ରୀମଦ୍ ଭାଗବତ
ମୁଁ ଜାଣେନା ।

ବ୍ୟାଧପରି ମୋ ସ୍ୱାୟୁମାନେ
ମୋତେ ଘେରିଛନ୍ତି ଆବାଲ୍ୟରୁ
ଏଡ଼େଇ ପାରୁନି ମଦ, ମାସର୍ଯ୍ୟ, ମୈଥୁନର
ଜାଗତିକ/ ଜାନ୍ତବ ମୁଆଁସ
'ମୁଁ' ତ ଆଉ ନୁହେଁ
ଫାଲ୍‌ଗୁନି ମହାଭାରତର



ମୋତେ ବାଇସ୍କୋପ୍ ପରି କିଏ ଦେଖେଇ ଦେବ
ବ୍ରହ୍ମାଣ୍ଡ ସ୍ୱରୂପ
ଲୀଳାପୁରୁଷଙ୍କୁ ବି ପଚାରୁନ
ସେ କ'ଣ ମୁକ୍ତଥିଲେ
ନଥିଲେ କି ସେ ଦୀର୍ଘକାଳରୁ
ମହାକାଳବଂଶୀଧ୍ୱନୀରେ ମୋହାବିଷ୍ଟ ?

❐❐❐



ମୁକ୍ତି

ଛାଡ଼ିଯାଉଛି
ମୋ କରୁଣ ପରିଚୟର
ସମସ୍ତ ନଥିପତ୍ର, ପଙ୍ଗାପାଉତି
ଚିହ୍ନବର୍ଣ୍ଣ
ସମୟର ସାଉକାର ସିରସ୍ତାରେ
ମୋ ଶେଷ ସନ୍ତକ
ପୈତୃକ ଘରଡ଼ିହ ଖଣ୍ଡକ ବି ।

ମୁଁ ଜାଣେ ଥରେ ବନ୍ଧା ପଡ଼ିଗଲେ
ଅଜଗର ବନ୍ଦନୀରେ
ମୋର ଯା' ତାକତ୍
ମୁକୁଳିବା ଭାରି ମୁସ୍କିଲ୍ ।
ଯେତେଥର ମୁକୁଳାଇବାର ଇଚ୍ଛା
ହେଲେ ବି
କଳନ୍ତର ହିସାବ ଛନ୍ଦରେ
ମୁଁ ନାଚାର-
'ତାଜ' ହୋଟେଲର
ପଣବନ୍ଦୀ ପରି ।

ଅଲେଖା କାଗଜ ଖଣ୍ଡକରେ
ଯେଉଁଦିନୁ ମୋର ଟିପସଇ
ବିନାକିଛି ପ୍ରତିବାଦରେ
ସଅଁପି ଦେଇଛି,
ମୁଁ ଜାଣେ
ସେଇଦିନୁ ମୁଁ



"ବାରାକ ଓବାମା"ଙ୍କର
ପୂର୍ବ-ପୁରୁଷ ।

ବାରମ୍ବାର ଦୃଶ୍ୟମାନ
ସାଉକାର କପଟୀ ହସ
ମୁନ୍‌ସୀ ବାବୁଙ୍କର
ରକ୍ତ ରଙ୍ଗ ପରି
ଚର୍ବିଳ ହିସାବ ଖାତା ।

ମୋ ନିରନ୍ନ
ଛେଉଣ୍ଡ ଛୁଆଙ୍କର
ପେଟର ଯନ୍ତ୍ରଣା
ମୋ ସ୍ତ୍ରୀର ବିପନ୍ନ ଯୌବନ
ନିଲାମ ପାଇଁ ଡ଼ାକ ହୁଏ,
ମୁଁ ପାଲଟିଯାଏ
ନିରୀହ ଆଖିମାନଙ୍କ ସାମ୍ନାରେ
ଧର୍ମ-ଯୁଧିଷ୍ଠିର ।



ନାଟ୍ୟରୂପ

ଆଉ କେଉଁ ବେଳକାଳ ବାକିଅଛି ଯେ
ପଛକୁ ଚାହିଁବ ! ଏୟା ଛାଡ଼ି
ଦେଇ ଆସିଛି, ସେୟା ବି ॥'

କାହିଁକି ସେତେବେଳେ ଏତେ
ଗରଜ ପଡ଼େ ସବୁରି ବସ୍ତୁରେ ଯେ
କଥାଯାଏ ହାଣକାଟ୍ ପର୍ଯ୍ୟନ୍ତ । ଦୟାନଦୀ କୂଳରେ ରକ୍
ପୁଣି ଠିଆ ହୋଇଯାଅ ଆପକୁ ଆପେ ।

ତା' ପରେ କନ୍ଦାକଟା, ଖାଲି ହାତ ଲମ୍ବିଯାଉଥାଏ
କାହାର ଛାତି ଗଳା ଯାଏ ।
ଏବେ ଋତୁଟିଏ ଥାଇ ବି ନଥିଲା ପରି ।
ଜଳିଜଳି ଯାଉଛି ରାସ୍ତାପାଖ,
ଘାସ, ବୃଚ୍ଛଙ୍କ ପରି କାମନାର ହୃଦୟ ।

ବାଇଜୀ ପରି କିଏ ବଜାଉଛି ବୀଣା
କେଉଁଠି ବନ୍ଧାବନ୍ଧା ପଡ଼ିଯାଉଛି
ବସନ୍ତର ଆମ୍ବଚଣା ॥ ଆଲୋକର ସନ୍ଧାନେ
ଚିରକାଳ ନିବୁଜ ଦୁଇ ଆଖି
ଏବେ ଲୋତକାପ୍ଲୁତ
ସତରେ ! ଖୁବ୍ କାଇଦାରେ
ନିଜକୁ ଫିଁ'ସନ ସଜଉଛି ଫଗୁଣ
ଗନ୍ଧର୍ବମାନଙ୍କର ଚିରନୃତ୍ୟ ଖେଳାଲୀଳା ॥



ଯୌବନ

କେବେ ଠୁ ଛକିଲିଣି
ଓଳି ସନ୍ଧିରେ
ମୋ ଭିତରେ ପରିପୁଷ୍ଟ ପାପର ତତ୍ତ୍ୱକୁ
ଖତମ୍ କରିଦେବି,
ପଚିଶ ବର୍ଷ ବିତିଲାଣି
ସବୁଦିନ ଦେଖା ହେଉଛି
କିଛି ହେଲେ କରିପାରୁନି କି କହିପାରୁନି
ବରଂ ସିଏ ମୋତେ
ଉପହାସରେ ପୋତି ଦେଲାଣି
ନଈଦାଢ଼ ବରଗଛ ପରି
ଫାଳେ ମାଟିରେ ତ
ଫାଳେ ନଈ ଜଳରେ
ତଥାପି ଓଲଟି ପଡୁନି ॥




ଭାବୁଛି ନାବାଳିକାର ପାପଗର୍ଭ ପରି
ଦଶା ମୋର ।
ବିଧାତା ଭିଆଣ ଯୌବନ
ସମ୍ବିଧାନ ପୃଷ୍ଠାରେ
କଳଙ୍କର ଚନ୍ଦନ ଲେପନ
ବଂଚିବାର ମାୟା ମୋହରେ
ଆଉ ଏକ ପ୍ରାଣର ନିଧନ ॥

ସଂସାରରେ ଜାରଜ
କିଏ ନୁହେଁ ଯେ ।
ପାପର ସର୍ଜନା ବୋଲି ଗର୍ଭପାତ କାହିଁକି ଯେ କରିବି

ଖୋଦ୍ ଈଶ୍ୱର ତ ସଖା ପାଲଟନ୍ତି
ମହାଭାରତ ତମାମ୍ ।

ପେଟରେ ପାପଗର୍ଭ ଧରି ଧରି
ପୁଣ୍ୟର ମହାକାବ୍ୟରେ
ଜଣେ ଜଣେ ସପ୍ତ ସତୀନାରୀ
ହରିଜନ, ମୂଲିଆର ଝିଅ ବୋଲି
ଗାଁ ତମାମ ମୋ ନାଁ

ଏବେ ସେଇ ପୁଣ୍ୟା
କିଏ କିଏ ମୋ ପା
ୱାର୍ସଦାର,
ଏବେ ସେଇ ଷଡ଼ଯ
ନାବାଳିକାକୁ ଯୌବ
କ'ଣ ଥିଲା ଦର୍କାର
ଥାଳିଏ ଭାତର ସ
କିଏ କିଣି ନେଲା
ଛିଡ଼ା ଫ୍ରକ୍ ଭିତରେ
ସକଳ ସମ୍ଭାର ॥




ଆବରଣ

ଟେଣ୍ଡର ଡ଼କା ଚାଲିଛି
ଆମ ରକ୍ତ, ମାଂସର
ସାହାଣ ମେଲା ପରି
ଇଜ୍ଜତ ଲୁଣ୍ଠିତ
ଗଣଧର୍ଷଣର ପର୍ବ
ସମଗ୍ର ଆର୍ଯ୍ୟାବର୍ତ୍ତ ॥

ସେକାଳେ କେମିତି ଈଶ୍ୱର
ନିରବୀ ଯାଆନ୍ତି
ମୁହଁ ପୋତି ବସିଥାନ୍ତି ପ୍ରଶାସକମାନେ
ପାଣ୍ଡବଙ୍କ ପରି
ରାଜନେତାମାନେ ତ
ଚିରକାଳ ଦ୍ୟୁତ କ୍ରୀଡ଼ାରେ ମଗ୍ନ, ପତ୍ରକାରମାନେ ତ
ସତରେ କ'ଣ କୋଟିବସ୍ତ୍ର କିଏ ଦେଇପାରେ
ନିବାରଣ ହୋଇପାରେ ବିବସ୍ତ୍ରାର ଲଜ୍ୟା ?

ଯେଉଁ ମାଟିରେ ଦିନେ
ଝରୁଥିଲା ସତୀ ସୀତା, ଦ୍ରୌପଦୀର ଲୁହ
ସେଇ ମାଟିରେ ପୁଣି
ଆର୍ଯ୍ୟପୁତ୍ରମାନଙ୍କର ଅସନା ଅଭ୍ୟାସ
କାମନାର ହେମବହ୍ନି
ଧୂ ଧୂ ଜଳେ
ରକ୍ତ-ପଦ୍ମ ପରି ॥
ତମାମ ପାଲଟିଯାଏ ହସ୍ତୀନା କଟକ
ଲୁହ- ଲହୁମୟ



ଶୁଷ୍କ ଯମୁନା ତଟରେ ଗଭୀର ରାତ୍ରୀରେ
ବାଜୁଥାଏ ଆର୍ତ୍ତନାଦର ବଂଶୀ ॥

ଘନ ଅନ୍ଧାର ଛାତି ଚିରି
ପ୍ରବୋଧୁ ଥାଏ ମହମବତୀର ଦିହୁଡ଼ି
ଇଣ୍ଡିଆଗେଟ୍‌ର ସ୍ୱାଭିମାନ ପାଖରେ
ପ୍ରଶାସକ ବାଣ୍ଟିଦେଇ
ପ୍ରଶଂସାର ଚେକ୍
ଫାଶମୁକ୍ତ, ଫାର୍ଶର
ଶେଷ ଅଙ୍କ ମିଡ଼ିଆ ସାମ୍ନା
ଯେମିତି ଯୌତୁକ ଯଜ୍ଞ
ସେମିତି ଧର୍ଷଣ କାଣ୍ଡରେ
ନିଲାମ ଡ଼ାକର ଯବନୀକା
ଝିଅଟିଏ ହଜିବା ଯା, ଦା
ହରିବୋଲ ଧ୍ୱନୀରେ
ଈଶ୍ୱର ତ ସଦାକାଳେ ଆ
ପ୍ରଧାନମନ୍ତ୍ରୀଙ୍କ ପରି
ଲାଜୁଆ, ଲାଜୁଆ ॥




ନର୍କ ସଂପର୍କ

ଛୁଇଁ ଦେଲେ ଛଅନ୍ତା
ଚୋଷି ଦେଲେ ମୁକୁତା
ଦାଣ୍ଡ ଦୁଆରକୁ ଉଠିବା ବି ମନା
ବିଛଣାରେ ଶୋଇଲା ବେଳେ
'କାନଫୁଲ, ଅତର, ପାନିଆ ଦେବି'
ଦେ ଖୋଲି ଦେ, ତୋ ବୃଷ୍ଣର ବକଳ
ନିଟୋଳ ପୂର୍ଣ୍ଣମୀ ଜହ୍ନ ପରି ତୋର ନିର୍ମାୟା ସକଳ
ଘଷି ଦେ' ଗୋଡ଼ ସବାତଳ ପାହାଚରେ
ଧୋଇଯାଉ ତୋର ଅଛୁଆଁ ସତୀତ୍ୱ' ।

ସେତକ ପାଇଁ ତ କେତେ କେତେ ବାହାନା
କିଏ ଦେଖୁଥାଏ କି ଗୌନ୍ତିଆର ନରକ
ବିଲୁଆ କି ଦେଖେ କଞ୍ଚା, ପଚା ମାଂସର ଫ
ଝରଣାର ଶବ୍ଦ ସାକ୍ଷୀ
ହେଲେ କୋର୍ଟକୁ ଯିବା ମନା
ଗଛମାନେ ମାଆ ସୀତାଙ୍କ କାଳରୁ
କେଉଁ ଘୋର ବନସ୍ତରେ ମୂକ,
ବାହୁନିବେ କ'ଣ ?

ଫରେଷ୍ଟର ଓ କାଠମାଫିଆଙ୍କ ଚକ୍ରବ୍ୟୂହ
ତାଟକା ହୋଇ ଚାହିଁଛି ମୁଣ୍ଡିଆ ପାହାଡ଼
ଜଟାୟୁ ସୁବର୍ଣ୍ଣରଥକୁ ଛୁଇଁବା ପୂର୍ବରୁ
ପକ୍ଷୀମାନେ ଚିଲିକାର ଉଷ୍ମତା ସଂଧାନେ
ଚାଲିଛି ପକ୍ଷୀ ଗଣତି, ହାତୀ-ବାଘ ଗଣତି
ମଣିଷଜୀବମାନେ ଘେରିଗଲେଣି ଚଉଦିଗ



ନଦୀ- ସମୁଦ୍ର, ପାଣି-ଖଣି, ମୁଣ୍ଡିଆ- ଛାମୁଣ୍ଡିଆ
ଅରମା ଅରଣ୍ୟ ।

ରକ୍ତ ତାତିଲେ
ଫୁଟେ ଶତଦଳ ପଦ୍ମ ହରିଜନ ସାହିରେ
ଧରା ଯେ ଯାଏଁ ନପଡ଼ିଛି
କୁନ୍ତୀ ମାହାଳିକର କୁଆଁ କୁଆଁ
ଶବ୍ଦ-ବ୍ରହ୍ମ ।

କୋରାପୁଟ ଆଦିବାସୀ ବସ୍ତିରେ
ଅନ୍ତଃବସ୍ତ୍ର ତ କାହା ପାଇଁ କଂସାଏ ପଖା
ପତ୍ର ଗହଳରୁ ହଳଦୀ ଗୁରୁଗୁରୁ
ଛାତିଏ ମାଂସକୁ ଚୋଷୁଥାଏ
ସମୟର ଅଇରା ଶାଗୁଣା

ଖଣ୍ଡିକ ଶାଢ଼ୀରେ, ଅଦଳବଦଳ ଝରଣା
ଯୋଡ଼ାଏ ଲଙ୍ଗଳା ଶରୀର
ଅଣନିଃଶ୍ୱାସୀ ଦରିଦ୍ରପଣ
ପଲ୍ଲୀ ଭିତରେ ଝରଣା କୂଳରେ
ଧାନ କିଆରୀ ହିଡ଼ ଉପରେ

ଲଙ୍ଗଳା ଦେହ ଚାରିପଟେ
ବିଛୁଡ଼ିଯାଇଛି ମୁଠା ମୁଠା ଚାଉଳ, ଖୁଚୁ
ଜହ୍ନ ତାରାଙ୍କ ମେଳରେ ଫୁଟୁଛି
ଜହ୍ନିଫୁଲ,
ମଞ୍ଚାରୁ ମାଟି ଛୁଇଁବାକୁ ଅଘାସୁର ଛଂଚି।।
ପଚା ରକ୍ତ, ପୂଜର ଚିତ୍ର ଓ ଚରିତ୍ର ।



❑❑❑

ମେଘରେ ମେଘରେ


ଆକାଶ ଦେହରେ ଚିତ୍ରିତ
ଶ୍ୟାମଳୀ ମେଘର ଯୌବନ
ବତୁରୁଛି ରଜସ୍ୱଳା ମାଟି
ନୀଳ ଘାସ ଗାଲିଚାର ତଳେ ତଳେ ॥

ଗୀତ ଗାଇ ଗାଇ ଥକି ପଡୁଛି ନିରୀହ ନଈର ସ୍ୱର
ଚାରିଆଡ଼େ କେହି ଆସିବାର ଅନନ୍ତ ପ୍ରତୀକ୍ଷା ॥

ନଦୀମାନଙ୍କର ଭାଷା, ସବୁଜ ବନାନୀ ନିଶା
କଅଁଳି ଉଠୁଥାଏ ମାଟିର ନିର୍ବେଦ କୋଷରୁ,
'ଆଉ ଥରେ ଛୁଇଁ ଯାଆ'ର ନିଃସର୍ତ୍ତ ନିମନ୍ତ୍ରଣ ॥

ଶ୍ରାବଣୀର କବରୀରେ ବର୍ଷା ଭିଜା କବିତାର କଲ୍ଲୋଳ
କାହାପାଇଁ ପାଲଟି ଯାଉଛି ନିଃସଙ୍ଗ ଅତୃପ୍ତ ଆକାଶ
ସମର୍ପଣର ଯକ୍ଷ ॥
କେବେ କେବେ ଶବ୍ଦର ବିନ୍ଦୁ ବିନ୍ଦୁ ବର୍ଷାରେ
ପୁଣି ଅମାନିଆ, ଅବୁଝା, ଗଜଲ୍ ସ୍ୱରରେ
ଚାଲିଥାଏ ଇଚ୍ଛା - ଅନିଚ୍ଛାର ସାପ- ସିଡି ଖେଳ ॥

ଭଲ କବିତା ଧାଡ଼ିଏ ପରି ଲାଗୁଛି ଅନନ୍ୟପୂର୍ବା ଆକା
ଗୋଟେ ଭଲ କବିତାରେ ବି ସମୁଦ୍ର ଯିବ ଉଛୁଳି
ଶାଢ଼ୀ ପଣତ ଦେଖାଇ ଦେଖାଇ ଯେବେ
ହଜିଯାଏ ବିଜୁଳି, ଶବ୍ଦ ନାଦରେ ଥରି ଥରି ଯାଏ ଧର
ମାଟିର ସଂଗୀତ ଯାଏ ମଉଳି ॥
କବିତାର ସ୍ୱର ଏତେ ପ୍ରଖର ଯେ ସୂର୍ଯ୍ୟଙ୍କ ପୌରୁଷ
ଭିଜୁଥାଏ ମେଘର ମାୟାରେ ଦିନ ପରେ ଦିନ ॥



❐❐❐

ତ୍ରିପଦ

କର୍ମ

ହାଟ ଫେରନ୍ତା ଆଦିବାସୀ ବୁଢ଼ା ଚାଲିଛି
ହୁଡ଼ି ତଳ ତଳ ପାଦଚଲା ରାସ୍ତାରେ
ବାହୁଙ୍ଗୀରେ ପେଟପାଟଣାର ଅଣ୍ଟିଧନ
ସାମ୍ନାରେ ଦିଗନ୍ତବ୍ୟାପୀ ଅଣସଂଧିଆ ଚିତ୍ରଲିପି ॥

ଘରେ ପହଂଚିଲେ ଅଖଳିଆ ଅଂଧାରେ
ଡ଼ିବିରି ଜଳିବ । ଅକର୍ଚ୍ଚ ହାଣ୍ଡିରେ ଫୁଟିବ ଚାଉଳ ।

ଭାଗ୍ୟ

କେଉଁଠି ଖୋଜି ଖୋଜି ମିଳେନା
ଅଦୃଶ୍ୟ ମାଦଳା ପାଞ୍ଜିର କାଗଜାତି, ନଥିପତ୍ର
ତାଳପତ୍ର ପୋଥି । ଦେଖୁଥିଲେ ବି ପଢ଼ିହୁଏନା
ପଢୁଥିଲେ ବି ବୁଝିହୁଏନା ଚର୍ଯ୍ୟା ସାହିତ୍ୟର
ଗହନତତ୍ତ୍ୱ - ଚିରକାଳ ଏକ ଅକଥିତ କପାଳରେ
ଅଜଣା ଆଲେଖ୍ୟ ।

ଅକସ୍ମାତେ ମିଲୁମିଲୁ ପୁଣି ହଜିଯାଏ
ଦୈବୀକାଳ ସମୁଦ୍ର ମନ୍ଥନେ ॥




ଫଳ

ଆଶା ରଖିନି କିଛି । ମୁଁ ଜାଣେ ଠିକଣା ସମୟରେ
ଶେଷ ବସ୍ ହର୍ଣ୍ଣ ବଜାଇ ବଜାଇ ଷ୍ଟାଣ୍ଡ ଛାଡ଼ିଦେବ
ମଣିଷ ତ ଏକ୍ଲାଯାତ୍ରୀଟିଏ ଚିରକାଳ

ସାରାରାତି ଇନ୍ଦ୍ରିୟମାନଙ୍କୁ ଲକ୍ଷ୍ମଣର ଶକ୍ତିଭେଦ
ବୁଲା କୁକୁର, ମଶା, ମାଛି, ଲୁଟେରା, ଲମ୍ପଟମାନଙ୍କର
ନାମ ସଂକୀର୍ତ୍ତନ, ମାଘମାସ ॥

ଅନନ୍ତ ପ୍ରତୀକ୍ଷା : ଅଣଢ଼ଣିଆଁ ସକାଳ ।
ମୋତେ ମୋହାବିଷ୍ଟ କ
ଦୋଳାୟିତ ମୋ ପୂର୍ବତ୍



ବିହିତ

ଯେଉଁ ଦିନରୁ ଆସିଲିଣି
ଆଉ ମନ ହେଉନାହିଁ ଫେରିବାକୁ
ଚାଲିଛି ନାନାଦି ବାଲିଙ୍ଗି, ଫିସାଦୀ
ପେଖନା - ବାହାନା ॥


ଯିବା କିନ୍ତୁ ନିଧାର୍ଯ୍ୟ ॥

ଜାଣିଥିଲେ ବି ମୋତେ ଫେରିବାକୁ ହେବ
ସେଇ ରାସ୍ତାରେ, ମାୟାମୋହ ବଂଧନର ବନ୍ଧବାଡ଼େ
ଯାହା କାଳ କାଳ ପାଇଁ ଅବରୁଦ୍ଧ
ସେଇ ରାସ୍ତା ହିଁ ମୋ ଇନ୍ଦ୍ରିୟବୃତ୍ତିର ଅପସନ୍ଦ ॥

ମୋର ବା ଚାରା କ'ଣ
ଏଡ଼େଇ ଯିବି ବ୍ୟବସ୍ଥାର ଅତ୍ୟନ୍ତିକ ନିୟମଫାଶକୁ
ଥରେ ଝୁଣ୍ଟ୍, ଥରେ ଉଠ୍
ପୁଣି ଝୁଣ୍ଟ୍, ପୁଣି ଉଠ୍
ମୋ ସହ ମୋ ଅଦୟ ଅସ୍ତିତ୍ୱ ଓ ସମୟ
ମୋ ଦାବୀରେ ମୋର ଅଥୟବିଥୟ ପରିଚୟ ॥

ନିଗିଡ଼ିଯାଏ ଝରଣାର ଜଳପରି
ଅଣଲେଉଟା ସମୟ ॥

ଯେତେଦିନ ମଣୁଥିଲି ସଂସାରକୁ ସାହାଣ ମେଲା
ମରଣ ନଥିଲା ସାଥିରେ
ଥରେ ମୋ'ର ବୋଲି କହିଦେଲି ତ
ଫିମ୍ପି ଲାଗିଲାଣି ଆୟୁଷର ଚୌକଠ ଗଣ୍ଡିରେ ॥



❐❐❐


ଦୁର୍ଗାମାନେ

କଥା କହିପାରେନି ବୋଲି
ଭ୍ରୁଣକୁ ହତ୍ୟା କରିବା ସହଜ
କୁକୁଡ଼ା, ଛେଳିଙ୍କ ପରି ହିନିମାନୀ ଦଶା ॥

ସଂସାରର ଆଲୁଅ ଦେଖିବା ନ ଥାଏ
ସେମାନଙ୍କ ଭାଗ୍ୟରେ । ଜଳିବା ପୂର୍ବରୁ
ଲିଭି ଯାଉଥିବା ଦୀପର ଅତୃଷିକ କାହାଣୀ ।
ମାତୃ ଜରାୟୁରେ ଭ୍ରୁଣର ନ ଥାଏ
ଆତ୍ମ ପ୍ରକାଶନର ନିଘା । ପରିଚୟ ମାତ୍ର
ଏକ ଆଦିମ ଜୈବିକ ଜାଙ୍ଗଲିକ ସୂତ୍ର ।

ଦାମିନୀ, ନିର୍ଭୟା, ଇତିଶ୍ରୀମାନେ ଚିହ୍ନଟ ହୁଅନ୍ତି
ତମସାଚ୍ଛନ୍ନ ଗର୍ଭଗୃହରୁ ଅଦମ୍ୟୀ ପୌରୁଷ ସାମ୍ନାରେ
ଛବିରାଣୀ, ଅଂଜନା, ଅର୍ଚ୍ଚନାମାନେ କଷଣର
ରାଜଦରବାରେ କିମ୍ବା ଜତୁଗୃହର ଅଗ୍ନିଧାପରେ
ଅନନ୍ୟାନାଥା ଅହର୍ନିଶି, ଚିରକାଳ
ସମୟ ଆସେ, ଛଅବର୍ଷର ଅଦତ୍ତା
ଡ଼ରୁଥାଏ ‘ବାପା’ ବୋଲି ମଣିଷକୁ
ନ ଥାଏ ନିସ୍ତାର ଏରୁଣ୍ଡିବନ୍ଧରୁ ଶ୍ରେଣୀ କକ୍ଷଯାଏ ।
ଯେଉଁ ବୟସର

ଯେଉଁଠି ବି ଅଦୃଷଣ ଝିଅଟିଏ ଥାଉ
କଳଙ୍କ ଓ କାଳିମାର ଅନ୍ଧଗଳିରେ
ଅବିରତ ସେ ଅର୍ଦ୍ଧଦଗ୍ଧ ।
ପଢ଼ିଛୁ ରାମାୟଣ ମହାଭାରତରେ
ଦୁଷ୍ଟଦାନବ ଦଳ ଉତୁରି ଉଠିଲେ



ଅବତରି ଆସନ୍ତି ଅବତାରୀ
ଏବେ ମାନବୀୟ ରାକ୍ଷସମାନଙ୍କ ଦୁଷ୍କର୍ମରେ
ଅନନ୍ୟଗତିକ ଖୋଦ୍ ତ୍ରାଣକର୍ତ୍ତାବୃନ୍ଦ ।

ଖୁବ୍ ନିଃସହାୟ ନିଃସହାୟ
ଅଧଃପାତ ସମୟ ।
ଖୋଦ୍ ଅଯୋଦ୍ଧାପୁରୁଷଙ୍କ ଅବଧ ନଗରେ
ଅପ୍ରାସେ ଚାଲିଛି ରାକ୍ଷସମାନଙ୍କର
କିଲିକିଳା ମାୟାମୃଗ ଖେଳ ।

❐❐❐



ପ୍ରଥମ ପ୍ରଥମ ପ୍ରେମ

ଗୋଟେ ଭଲ ଜହ୍ନ ପରି ପ୍ରେମିକାର ମୁହଁ
ଗୋଟେ ଭଲ ନଈ ପରି ପ୍ରେମିକାର ଆଖି
ଗୋଟେ କାଶତଣ୍ଡୀ ବଣ ପରି ପ୍ରେମିକାର କଣ୍ଠ
ଗୋଟେ ଫୁଟନ୍ତା ଫୁଲ ପରି ପ୍ରେମିକାର ଓଠ ॥


ଗୋଟେ ଶାଗୁଆ ପାହାଡ଼ ପରି ପ୍ରେମିକାର ବକ୍ଷୋଜ
ଗୋଟେ ସବୁଜ କ୍ଷେତପରି ପ୍ରେମିକାର ନାଭିସ୍ଥଳ
ଗୋଟେ ହାତୀ ସତେ ଚାଲୁଥାଏ ପ୍ରେମିକା ଚାଲିଲେ
ଗୋଟେ ମୃଗୁଣୀ କି ଲୁଚିଯାଏ ତା'ର ଅନ୍ତଃସ୍ଥଳେ ॥

ଗୋଟେ ବଂଶୀର ଧ୍ୱନୀ ଶୁଭୁଥାଏ ପ୍ରେମିକାର କଣ୍ଠେ
ଗୋଟେ ରିୟାଜରେ କମ୍ପିତ ପ୍ରେମିକାର ଅଂଗୁଳି
ଗୋଟେ ଚୁମ୍ବନରେ ପ୍ରେମିକାର ଟଳମଳ ଅବନୀ
ଗୋଟେ ଚାହାଣୀରେ ପ୍ରେମିକାର ସବୁଜିମା ବନାନୀ ॥

ଗୋଟେ ନଖଦର୍ପଣରେ ପ୍ରେମିକାର ଚିତ୍ରପଟ୍ଟ
ଗୋଟେ ଅଳସ ଭଙ୍ଗୀରେ ପ୍ରେମିକାର ସବୁ ନଷ୍ଟଭ୍ରଷ୍ଟ
ଗୋଟେ ଟୋପା ଲୁହରେ ପ୍ରେମିକା ସହ କାନ୍ଦଇ ଶ୍ରାବଣ
ଗୋଟେ ଭଲ ଚିଠି ପ୍ରେମିକାର ନିନ୍ଦଇ ପାର୍ବଣ ॥

ଗୋଟେ ଭଲ ଫୁଲ ପକା ରୁମାଲରେ ଫୁଟଇ ସବିତା
ପ୍ରଥମ ପ୍ରେମର ପ୍ରେମିକା ମୋର ନିଶ୍ଚେ ଚିରକାଳ
ଗୋଟେ ଭଲ କବିତା ॥

❐❐❐



ବଂଧୁ


କେତେ ଆପଣାର ଭାବି ବଂଧୁତାର ହାତ ବଢ଼ାଇଲି
ନଦୀର ଅଥଳ ଗର୍ଭରେ ମୋତେ କଲିଜା ମାଗିଲ
ଜୀବନ ବିକଳେ ଅଗତ୍ୟା କହିଲି :
କଲିଜା ଛାଡ଼ି ଆସିଛି ଗଛ କୋରଡ଼ରେ ॥

ଭାଲୁ ଆସି ନଥିଲେ ଜଙ୍ଗଲ ଭିତରେ
କେମିତି ଜାଣିଥାନ୍ତି ବଂଧୁ ବୋଲି ତମକୁ
ତମେ ଚଢ଼ିଗଲ ଗଛ ଶିଖରକୁ
ଅତାର୍ସିଆ ଶୋଇଗଲି ମାଟିମାଆ ଛାତିରେ
ଶବ୍‌ଦହୀନ ଶବଟିଏ ହୋଇ
ଶୁଂଘିଶାଂଘି ଭାଲୁ ଚାଲିଗଲା ଭାଲୁର ବାଟରେ
କାନେ କହି ଦେଇ ବଂଧୁତ୍ୱର ମନ୍ତ୍ର ।

ଆତ୍ମୀୟତାର ବଂଧଟିଏ ଯେଉଁଠି
ବୋଝେ ବୋଝେ ମାଟିରେ ଜନ୍ମନିଏ
ତାହା ବଂଧୁତ୍ୱର ନିଷ୍ପ୍ରାଣ ଶରୀର,
ଅଘୋରୀ ପରି ଜୀବନକୁ ବାଜିମାତ କରେ
ଅକାମ ହୃଦୟ ଚିହ୍ନେଇ ଦିଏ
ବଂଧୁତ୍ୱର ଆତ୍ମା
ସେଇଠି ଗଭୀର ଆଶ୍ଳେଷରେ
ବଂଧାପଡ଼େ ମଣିଷ ॥

ଶବ୍‌ଦପତି ପରି ବଂଧୁତା ଝିଙ୍କାସି ହୁଏ
ସମୟର ଏନ୍ତୁଡ଼ିଶାଳରେ
ଅକଥିତ ମନ୍ତ୍ରରେ ବିମୋହିତ ହୁଏ ଭାବୋଚ୍ଛ୍ୱାସ
ବାଂଧିବାକୁ ଅକୌଟିଲ୍ୟ ସଂପର୍କ
ଅକ୍ତାଚାଉଳ ଭକ୍ଷଣର ଅକ୍ଷୁଧ ଚରିତ୍ର ॥

❐❐❐



ନାରୀ ପରି ନଈ

ବର୍ଷାହେଲେ -

ଲୁହମାନେ ଲମ୍ବିଯାନ୍ତି ଦରିଆ ମଝିକୁ ।

ନଦୀର ମୁହାଣ ସଦାକାଳ ପ୍ରଖର
ଓ ପ୍ରହେଳିକାମୟ
ଯେଉଁଠି ଘରଯୋଗ୍ୟା କନ୍ୟାପରି
ସେ ପ୍ରସାରି ଦେଇଥାଏ ଫେନୀଳ ଛାତିକୁ
ସମୁଦ୍ର ଦେହରେ
ହେବାକୁ ଏକ ପରିଚୟହୀନ
ଶବର ଠିକଣା
ହେବାକୁ ଅନ୍ତଃସତ୍ତ୍ୱା ସବୁ
ଜଳଜୀବଙ୍କର
ପାଲଟିଯିବାକୁ ସୀତା ତପସ୍ୱିନୀ ॥



ନଦୀ କ'ଣ ଜାଣିଥିଲା
ସବୁଥର ଏମିତି କାନ୍ଦିବାକୁ ହେବ
ଫି'ସନ୍ ଆଷାଢଶ୍ରାବଣେ
ହସାଇବାକୁ କାକୁସ୍ଥ ଦୁଃଖର ବୈଶାଖ ॥


କୁନ୍ତୀର ଅବୈଧ ସମୟ ପରି
ମେଘ ଓ ମାଟିର ଗୋପନ ପ୍ରୀତିରୁ
ଜନ୍ମନିଏ ନଈ,
ଆଜି ବି ବନ୍ଦ ହୋଇନି ସେ କାରନାମା
ଓଳି ତଳେ ପାଣିର ସୁଅରେ
କାଗଜ ଡଂଗା ଭସାଉ ଭସାଉ
କୁନ୍ତୀମାନେ ଶିଖିଯା'ନ୍ତି

ନିରୋଳା ପାର୍କଠାରୁ ହସପିଟାଲ୍ ପଛ
ଓ ନଦୀର ଗର୍ଭରେ ହଜାଇ ଦେବାକୁ
ଅବୈଧ ସନ୍ତକ କର୍ଣ୍ଣର ଠିକଣା ॥

ନଈ ସିନା ମନା କରିପାରନ୍ତା ମେଘକ. ସମଦକ
ଗର୍ଭଧାରଣ କରିବାକୁ
ଯାବତୀୟ ଜାରଜ ପୁ
ପୋତିପକାନ୍ତା ଯୌବ
ମୁରବୀ ସଦୃଶ୍ୟ ପାହ


ସବୁପରେ, ନଈ ତ

ମେଘ ଯଦି ହୁଏ ନଃ
ସମୁଦ୍ର ବି ଗୃହସ୍ୱାମୀ



କେମିତି ଅଛନ୍ତି ଈଶ୍ୱର

ଏବେ ଈଶ୍ୱର କୁହନ୍ତୁ ! ଆପଣଙ୍କ ହାଲଚାଲ
କେମିତି ଅଛନ୍ତି ଆପଣଙ୍କ
ଚଉଦ ବ୍ରହ୍ମାଣ୍ଡର ଚଉପାଖ
ମୁଁ ତ ଗାଜାଷ୍ଟ୍ରିପର ବଂଧୁକମୁନର ଶିଶୁଟିଏ,
ମୃତ୍ୟୁକୁ ଭ୍ରୁକ୍ଷେପ ନ କରି
ତାରଜାଲି ଭିତରେ ଦାନାଖାଇ ପାଣି ପିଉଥିବା
ନିର୍ବୋଧ କୁକୁଡ଼ାଟିଏ,
ମୁଁ ତ ନିଃଶ୍ୱାସ ନେଉଛି
ଡ଼ହ ଡ଼ହ ଖରାରେ ଜରି ଗୋଟଉଥିବା
ମାଇପିଟିର ଦୁଃଖରେ,
ତରଳି ଯାଉଛି ତଗାବି ଋଣ ଜାଲରେ
ଆକ୍ରାମାକ୍ରା ଚାଷୀର ହିଡ଼ମୁଣ୍ଡ ଦୃଶ୍ୟରେ ॥




ଶହ ଶହ କୋଟି ଆକୀଟ ମନୁଷ୍ୟର
ନିଷ୍କପଟ ନିଃଶ୍ୱାସର ରାଣ ଈଶ୍ୱର ଆପଣଙ୍କୁ
ବିଶ୍ୱରୂପ ଦର୍ଶନ କାଳପରି ସତ୍ୟ ହେଉ ପ୍ରକଟିତ
ଅଚୈତନ୍ୟ ଅର୍ଜୁନର ସମଗ୍ର ସଂସାର ॥

ଜାଣିଛନ୍ତି ! ଆପଣଙ୍କ ମଣିଷ ଗ୍ରହରେ
ତ୍ରାହି ବି ପାଉନି ନାବାଳିକାର ଦେହ
ଦ୍ରୌପଦୀ, ସୀତା, ସାବିତ୍ରୀ, କୁନ୍ତୀ, ତାରାଙ୍କ
କପାଳ କଥା ଛାଡ଼
ଅଳ୍ପବହୁତେ ତାଙ୍କ ସହ ଆପଣ ତ ଜଡ଼ିତ ॥
ମାଆ ପାଲଟିବା ପୂର୍ବରୁ ଯନ୍ତ୍ରଣା
ମାଆଟିଏ ହେଲେ ବି ଯନ୍ତ୍ରଣା

ତମାମ ଜମ୍ବୁଦ୍ୱୀପେ ଜନନୀ ଜାତିର
ଜଳେ ଯୂପକାଠ
ଯେଉଁ ପ୍ରକୃତିଯୋନୀରୁ ସମ୍ଭୂତ
ସକଳ ନାରୀ ଓ ପୁରୁଷ
ସେଇ ପ୍ରକୃତିକୁ ବିଦାରି ଚାଲିଛି
ଏଇ ମୂଲକର ମୁଖିଆ ଓ ମୂରୁଖ ॥

ସେ ସବୁ କଥା ଛାଡ଼ !
ଏବେ ଆପଣଙ୍କ ହାଲଚାଲ
କୁହନ୍ତୁ ଈଶ୍ୱର !!



ବର୍ଷା ବିହୁନେ

ବୋଧେ ଅସୁମାରି ଅଦତ୍ତାଙ୍କ ଆଖିର ବର୍ଷାରେ
ଉଭେଇ ଯାଇଛି ଆକାଶର ବର୍ଷା

ବାଦାୟୁଁନର ଆମ୍ବଗଛ
ବେଙ୍ଗୁଲୁରର ଶ୍ରେଣୀ କକ୍ଷ
ଏତେ ଲୁହର ବର୍ଷାରେ ଭିଜିଛି ଯେ
ଆକାଶରେ ଆଉ କେତେ ବର୍ଷା ଥାଏ କି
ବର୍ଷୁଥିବ ତମାମ ଶ୍ରାବଣ ॥

❐❐❐



ଡ୍ରାମା

ମିଛ ଅଭିନୟରେ କେତେକାଳ ମଂଚ ସଂଭାଳିବ
ସବ୍ୟସାଚୀ ? ସୂର୍ଯ୍ୟଙ୍କ ସ୍ୱର୍ଶରେ ପୁଣି ନିଦ ଭାଙ୍ଗିବ
ସମଗ୍ର ପୃଥିବୀର । ମୁହଁପୋଡ଼ା ଖରାରେ କାକର ବିନ୍ଦୁମାନେ
ଛାଡ଼ି ଯାଉଥିବେ ଘାସର ନିରୀହ ବିଧବାପଣ
ଶୁଖି ଶୁଖି ଆସୁଥିବ ଡ୍ରାମା ପଡ଼ିଆରେ
ବିକ୍ଷିପ୍ତ ବାଦାମ ଠୋଲାର ଚେହେରା,
ମଂଚରେ ନ ଥିବ ରଂଗୀନ ଆଲୁଅ
ସବୁ ଦର୍ଶକଙ୍କୁ ଅଂଧାର ଭିତରେ ଲୁଚାଇ ଲୁଚାଇ ॥



ମିଛ ଅଭିନୟ ମାୟାମୃଗ ପରି ଖୁବ୍ ଦଉଡ଼ାଏ
ଦୌଡ଼ ନିଶାରେ ବି ବାଟବଣା ହୁଅନ୍ତି
ଦଶରଥନନ୍ଦନ । କୁଡ଼ିଆ ଆଗରେ ତିନିଗାର ଟାଣି
ଖାଲି ବଦ୍‌ନାମ ହୁଅନ୍ତି ଲଇକ୍ଷଣ
ତିନିଗାର ଡ଼େଇଁ ଅପହୃତା ହୁଅନ୍ତି ଜାନକୀ
ବାବାଜୀ ବେଶରେ ଯନ୍ତ୍ରଣାର ପରଓ୍ୱାନା
ଜାହିର କରେ ଅନଭିଜ୍ଞେୟ ଦଶାନନ

ଶେଷରେ ଜଣାଗଲା - ଏ ସବୁ ଆମ ଗାଁ ପିଲାଙ୍କ ଡ୍ରାମା ॥

ଡ୍ରାମା ବୋଲି ଜାଣୁଥିଲେ ବି ଗାଁ ମାଇପିଏ ଅନବଚ୍ଛିନ୍ନ
ଲୁହ ଗଢ଼ାନ୍ତି ଆଖିରୁ
ଜଗା ମାଆ ଜଗାକୁ ସୀତା ବେଶରେ ଦେଖି
ବରଫ ପରି ତରଳି ତରଳି ଯାଏ
କେବଳ ଚାହିଁପାରେନା ଜଗାର ମାଇପି ଛାତିକୁ
ତା'ରି ଭିତରେ ବୈଦେହୀର 'ହେ ବନଗିରି, ହେ ଲତାଗିରି'ର
ଶୋକାର୍ତ୍ତରୋଦନ




ଭରି ଦେଉଥାଏ ଜଗା ମାଆ ଆଖିରେ
ଆଖିଏ ଅନାଳପୀ ଲୁହ ॥

ତ୍ରାମା ଶେଷ ହେଲେ ଚାନ୍ଦା ପାଇଁ ଲାଗେ
ଫିଁ'ବର୍ଷ ଠେଲା ପେଲା
ବିନିଦ୍ର ରଜନୀର ଆଲେକ୍‌ଜାଣ୍ଡାର ଶୋଇଥା
ରଂଗମଖା ମୁଖରେ କାହା ଦାଣ୍ଡପିଣ୍ଡାରେ
କାଂଚୁଲି ସହ ଚିତ୍ରାଳୟ କାଠବାକ୍ସ ଉପରେ
ନିଦ୍ରାମଗ୍ନ ନାଚ ପିଲା
ଧୂଆଁ ଉଠୁଥାଏ : ମଂଚ ଅନତିଦୂର ଗଲାରାତିର କାଠଜଳା ଚୂଲୀରୁ
ଶୀତଦିନ କୁକୁର ପରି ଶୋଇପଡ଼ିଥାଏ ମଂଚ
ଖାଲି ଯା ମଶାଣିର ଖାଁ ଖାଁ ଲିରିକ୍
ଘାରି ପକାଉଥାଏ ସାରା ଠାକୁରାଣୀ ପଡ଼ିଆକୁ ॥

❐❐❐

ସମାପ୍ତି

କେଉଁ ନିକାଂଚନ ବସ୍ତିରେ
ଲୁଚିଥିଲା ଲୁହ
ଝରୁଥିଲା ନିଜେ ନିଜେ
ନିର୍ବାପିତ ନିଜେ ନିଜେ
ନ ଥିଲା ସେ ଲୁହରେ
ବର୍ଣ୍ଣ କିମ୍ବା ବାର୍ତ୍ତା
ବୟସ୍କ ଚିବୁକ ଓ ଆଂଗୁଳି
ହେଉଥିଲେ ଓଦା ଓଦା ॥




ଆଜିକାଲି ଖାସ୍ ଦିଶିଯାଉଛି
ଶିରାଳ ପତ୍ରମାନଙ୍କର ପୀତରଂଗ
କେତେବେଳେ ଛୁଇଁଯିବ ଦମକାଏ ପବନ
ଏବେ ବିତୁଛି ପ୍ରତିକ୍ଷୀତା ସାଧବାଣୀର
କେଉଁ ମିଥ୍ୟାବ୍ରତର ଜୀବନ ॥

ସମୟର ରାଜଉଆସରେ
ଦୁଃଖମାନେ : ଅବିବାହିତା ରକ୍ଷିତା ପୋଇଲି
ସୁଖମାନେ : ସୁଆତି ପଲଙ୍କେ ରତିମଗ୍ନା
ବିବଶ ଜନପଦରେ ଶୁଭୁଥାଏ ଅକାଳର ପଦଧ୍ୱନୀ ।
ସଂସାରରେ ସବୁ ମଣିମାଙ୍କର ବି
ମଣିମା ଅଛନ୍ତି
ଓରଉଣ୍ଡି ଯେତେବେଳେ ଯିଏ ଯାହାର
ହୁକୁମ ଚଳାନ୍ତି
ଫାଶୀ ଦିଅନ୍ତି, ଫାଶୀ ବି ପାଆନ୍ତି
ଅନ୍ତଃପୁରରେ ଶାଢ଼ୀ ବଦଳାଇଲା ପରି
ଅନେଶତ ରାଣୀମାନେ ରାତାରାତି

ବଦଳାନ୍ତି ଉଆସ ଓ ମୁଆଁସ
ନୁଲୁକ ଓ ପଲଙ୍କ
ସତେକି ସେମାନେ ଭାରତର
ରାଜନୀତିକ ଦଳର ପ୍ରତିଷ୍ଠାତା ସଭ୍ୟ ॥

କାନ୍ଦିବା ପାଇଁ, ଦେଖିବା ପାଇଁ
ଆଖି ହୋଇଛି କି ଭିଆଣ
ଅନ୍ଧମାନେ ବି ମାଲଖମ୍‌ରେ ଥାପିଲେଣି ପାଦ
ଆଖିଥିବା ମଣିଷ ବି ସବୁ ଦେଖି ଶୁଣି
ନିରୋଳା ପାଲଟେ କୌରବ ଧୃତର
କେଉଁଥିରେ ନାକ ପୂରେଇବାକୁ ବା
ମୂରବୀମାନେ ଅଳିଅଳ / ଅଳିଅଳୀମ
ଯାଇଁ ଦେଖ ! ପୋଲିସ୍ ଫାଇଲ୍‌ରେ
ପାଲଟି ଯାଉଛି ଦାଗୀ
ପାଦତଳ ମାଟି ଓ ମଥା ଉପର ଆକ

❐



ପଦେ ପାଦେ

ଦଳିତ କନ୍ୟା ଓ ରାତି


ଖୁବ୍ ଚୁପଚାପ୍
ଗଛମାନଙ୍କରୁ ଖସୁଥାଏ ଟୋପାଟୋପା
ଅଶିଣର ଲୁହ
ଏବେ ରାସ୍ତାରେ ଚାଲିଲା ବେଳେ
ଲାଗୁଛି ସତେକି ହଲି ହଲି ଯାଉଛି ଗଛ
ହୁଗୁଳି ଯାଉଛି ମୂଳ ॥

ଅନ୍ତିମ ଅପେକ୍ଷାରେ ମୁଁ ଅଛି
ପ୍ରିୟତମ ! ! ତୁମ ଝିନଝନଟ୍ ସରୁ
ଉଆସ ଭିତରେ
ନିଜ ପାଇଁ ମୋ ନିଜେ ତ ବୈରୀ
ତୁମେ ହିଁ ତ ମୀମାଂସାର ସୂତ୍ରଧର
ଏବେ ମୋ ଜରାୟୁର ଅଜ୍ଞାତ ଭ୍ରୂଣକୁ
ବେଉରା ଦେଉଛି
ତୁମ ଅଜ୍ଞାତ ପିତୃତ୍ୱ ବିଷୟେ ॥

ଏମିତି ସର୍ବବେଶୀ ଯେ' ଜୀବନ
ଫାଳେ, ଚଉଠେରେ ବି ଦୋହଲୁଥାଏ
ପହଁରୁଥାନ୍ତି ଲାଇଟ୍ ପୋଷ୍ଟର କୀଟ, ପତଂଗ
ଅଂଧାରରେ ମୁଁ ପାଲଟି ଯାଉଥାଏ
ନିଜେ ନିଜେ ବାଦୁଡ଼ି ॥

ଅନ୍ତଃସତ୍ତ୍ୱାର ଜୟମାଲ୍ୟ ପିନ୍ଧିବାକୁ ଯଦି
ପ୍ରକୃତି କହିଛି
ସମାଜ ବାରଣ କରୁଛି କିଆଁ,
ମୋତେ ଗର୍ଭବତୀ ସଜେଇଥିବା ମଣିଷ
କିପରି ସାଜନ୍ତି ସମାଜର ମହାଜନ ॥

❐❐❐




ଦାରୁ ଦେବତା

ଧୂଧୂ ଖରାବେଳ ପ୍ରାଣପକ୍ଷୀ ବିକଳ
ଛାଇ ପାତି ତମାମ ଖରାରେ ଯିଏ
ଶିଝି ଶିଝି ଯାଉଥାଏ, ସେ ନିର୍ବାକ ବୃକ୍ଷ ଓ ତା'ର ବକଳ ॥

ଢ଼ୋ ଢ଼ୋ ବର୍ଷାକାଳ ବର୍ଷୁଥାଏ ମୂଷଳ
ଗଛ ତ ବଂଚିଛି କାହା ପାଇଁ ଜଣାନାହିଁ
ନିଛାଟିଆ ରାସ୍ତାରେ କେହି ନାହିଁ ସାହା
କାକୁସ୍ଥ ଶିଶୁଟିଏ ପରି ମଣିଷ ଯା' କୋଳରେ ଲୁଚିଲା
ସେ ସ୍ନେହମୟୀ ଗଛ ॥

ଥୁରୁଥୁରୁ ଦେହ କାଲୁଆ ମାରୁଛି
ଥରିଥରି ଯାଏ ହାଡ଼
ଶୋଷିତ ଓଠରୁ ରଂଗ ଲିଭିଯାଏ
ପାଂଶୁର ସବୁ ସକାଳ
କୋରଡ଼ ଭିତରୁ ଚିଂଚାଂ ଶୁଭେ ଜୀଇଁବା ନିଶାରେ ପକ୍ଷୀଟଏ ॥




ନିର୍ଜନ ରାସ୍ତାରେ, ନିଶ୍ଚେ ଦେଖା ହେବ ମାଇଲଖୁଣ୍ଟ ଓ
ବରଗଛ, ଆଗପଛ
ବନ୍ଧ ଉପରୁ ବିଦାୟ ଦିଅନ୍ତି ବନ୍ଧୁ ପରି
ବତାଇ ଦିଅନ୍ତି ଏଇ ମାର୍ଗେ ଗଲେ
ହାତେ ମିଳିଯିବ ତୋର ଲକ୍ଷ୍ୟ ॥

ହସିଦିଏ ଗଛ ନିଃସ୍ୱ ମନରେ
କେତେ ପରପଂଚ ଏଇ ଲୋକ
ଶୁଖିଲା ଡ଼ାଳକୁ ଚାହୁଁ ଚାହୁଁ ସିଏ
ମନରେ ପାଂଚୁଛି କେତେ କାଳ । ଫୁଲଫଳ
ଗଛମୂଳ, ଦିନ କେତେଟାକୁ ନିଶ୍ଚେ ନିଶ୍ଚିହ୍ନ ହେବେ ସମୂଳ ॥

କୁନି କୁନି ପତ୍ର ପାତିଦେଇ ଯିଏ ଦିନେ ଦେଉଥିଲା ଛାଇ
ସୂରୁଜ ଦେବତା ଇଚ୍ଛା ବିରୁଦ୍ଧରେ ଯିଏ ହୋଇଥିଲା ଭାଇ
ତାହାରି ଗୋଡ଼ରେ ଚୋଟ ମାରିଲା ସେ, ତା ଅସଭ୍ୟ ମନର ହାଇ
ଅଂଶୁମାନ ଯେବେ ଅସନ୍ତୁଷ୍ଟ ହେଲେ ଅଂଶୁଘାତର ଦ୍ୱାହି
ଭୂମିକମ୍ପ ହେଲା, ସୁନାମୀ ଉଠିଲା ସେଥିପାଇଁ କିଏ ଦାୟୀ ?
ମୁକାବିଲା କିଆଁ କରିବାକୁ ଆଜିର ମଣିଷ
ନିଜକୁ ନିଜେ ଡ଼ରଇ ॥

❐❐❐



ଯାବନିକ


ଦୀପକ ଦାସ ସ୍ତ୍ରୀ ଗର୍ଭରେ କନ୍ୟାଭ୍ରୁଣ
ଉଧେଇବା ପୂର୍ବରୁ ହୋଇଗଲା ଗର୍ଭପାତ
ସାରା ପରିବାର ଏବେ ଅତିମୁକ୍ତ ଆଶ୍ୱସ୍ତ ॥

ଖଗେଶ୍ୱର ମୁଦୁଲିର ପାଞ୍ଚବର୍ଷ
ସ୍କୁଲଫେରନ୍ତା ଝିଅ ହେଲା ଅପହୃତା
ଏବେ ଡ଼ାକ୍ତରଖାନାରେ ସାଲାଇନ୍ ଲାଗିଛି
ସାରା ଗୁପ୍ତାଙ୍ଗ ଜୀବାଣୁରେ ବଲବଲ ॥

ନନ୍ଦ ବେହେରାର ବଢ଼ିଲା ଝିଅର
ପତ୍ତା ମିଳିଲାନି । ଦି'ଦିନ ପରେ
ଜଙ୍ଗଲ ଭିତରୁ ଠାବ କଲେ ମଲାଦେହ
ଗାଁର ଗାୟାଳ ପିଲା ॥

ସନେଇ ସାହୁର ଭାର୍ଯ୍ୟା
ଯିଏ ବିନା ବ୍ଲାଉଜରେ ପ୍ରତିଦିନ ବିଲକୁ ଯାଏ
ଦିନେ ଉଭା ମୁକୁଳା ମାଇପିକୁ
ଠିକଣା କଲେ ଗାଁ ଲୋକେ ସଂଜସଂଜିଆ
ବିଲମଝି ବରଗଛ ମୂଳେ ।

ଏସବୁ ଶୁଣି ଶୁଣି, ଟି.ଭି.ରୁ ଦେଖି ଦେଖି
ଚିନ୍ମୟ ମହାପାତ୍ରଙ୍କ ମାଆ ଶଶୀମଣି ଦେବୀ
ମଧ୍ୟ ତରାସ । ଝିଅ, ନାତୁଣୀ, ବୋହୂମାନଙ୍କୁ
ଆକଟ କରୁ କରୁ
ସଜାଡ଼ି ଚାଲିଛନ୍ତି ନିଜ ବକ୍ଷାବୃତ୍ତ ଶାଢ଼ୀ ॥
ଦେବୀଙ୍କ ମେଢ଼ ସଜ୍ଜା ହେଲା ପରି
ସବୁଦିନ ତ ଖବରକାଗଜ ମଣ୍ଡନ କରୁଛି



ବିଭସ୍ତ, କ୍ଷତାକ୍ତ, ଦୁଷ୍କର୍ମର ପାଞ୍ଜିପଟା
ଦେବୀ ହେଲେ ଜଣେ:
ମହିଷାସୁର ତ ପଣେ
ପାଂଚବର୍ଷରୁ ପଂଚଷଠି ଦେବୀମାନେ ତ
ବିବସ୍ତ୍ରା ପ୍ରତିମୁହୂର୍ତ୍ତରେ
କେବେ ଅନ୍ତହେବ ଯେ'
ଯାବନୀକ-ମାନବୀୟ ବୈକଲ୍ୟ ଯନ୍ତ୍ରଣା ?



ଖୁବ୍ ଲମ୍ବାରାତି

ମାଟିର କାନ୍ଥ ଓ ଚାଳଛପର ମଥାନଙ୍କୁ
ଛୁଇଁ ଛୁଇଁ ଜହ୍ନ ଆସେ
ଅନାବୃତ୍ତ ଆଲୋକମୟ ଅଗଣାକୁ
ପବନ ତୁଟାଏ ମୁଆଁସ ନଡ଼ିଆଗଛରୁ
ଆକାଶରୁ ଓହ୍ଲାଉଥିବା ତାରାମାନେ
ରାତିସାରା ପୁଚୀ, ବୋହୂବୋହୂକା ଖେଳୁଥାନ୍ତି
ଅନାତାପ ଅଗଣା କୋଳରେ ।


ଝଲମଲ ନଈର ପାଣିରେ ସ୍ନାନରତା
ସମଗ୍ର ଆକାଶ । ମଥା ବିନ୍ଦି ପରି
କଡ଼ ଲେଉଟାନ୍ତି
ରୂପା ରଂଗ ମାଛମାନେ
ଆପେ ଆପେ ଖୋଲିଯାଏ ଗଭୀର ଜଳରେ
ଝୀନ ଅନ୍ତର୍ବାସ ।

କୂଅମୂଳ ମଲ୍ଲୀଫୁଲ ବାସ୍ନାରେ
ଅଙ୍ଗସଙ୍ଗ ନିଷିଦ୍ଧ ତମାମ ତମସା
ଅଚ୍ଛେଦରା ବିଧବା କପାଳେ କିଏ ଲେଖୁଥାଏ
‘ତପସ୍ୱିନୀ’ କାବ୍ୟ ଗଂଗାଧର ଶୈଳୀରେ
ଅଙ୍ଗିତା ପରା ଯେ ରକ୍ତ, ମାଂସ
ଇଡ଼ା, ପିଙ୍ଗଳାମାନଙ୍କୁ ବୁଝାଇ ବୁଝାଇ
ନୟାନ୍ତ ହେଲେ ବି
ଶାଙ୍ଖୋଳିରେ ସିଝାଉଥାଏ
ସମୟର ସାଉକାର ॥
ଇଚ୍ଛାଥିଲେ ବି



ନ ପାହୁ ଯେ’ ରାତି
ଝାପ୍ସା ଝାପ୍ସା ବଉଳ ଛାଇରେ
ଜହ୍ନକୁ ରାଣ ପକାଏ ଅଗଣାର ତାତି
ପାହାଡ଼ ସେପାଖେ କ୍ରମଶଃ
ଆମ୍ ଗୋପନର ଆଶ୍ଳେଷ
ନିରନ୍ତର ଶୁଭୁଥାଏ କରୁଣ ବଂଶୀର ଧ୍ୱନୀ
ସାଧା କସ୍ତାଶାଢ଼ୀ ପଣତରେ କେହି ଲୁହ ପୋଛୁଥାଏ

ଭିଜୁଥାଏ କୋହରେ ଅ



କା'

ଅନ୍ତରରୁ ଅନ୍ତରୀକ୍ଷ

ଯୋଜନ ଯୋଜନ ଦୂର
କେଉଁ ଅଦୃଶ୍ୟ ନିଃଶ୍ୱାସରେ
ଆତଯାତ ଜୀବର ଅସ୍ତିତ୍ୱ
ଶରୀରର ଅଦେଖା ପଂଜୁରୀରେ
ଝୁଲୁଥାଏ ଘରପୋଷା ଶାରୀ
ବଢୁଥାଏ ଚନ୍ଦ୍ରକଳା ପରି
ଇଚ୍ଛା ହେଲେ ନିମିଷକେ
ପଞ୍ଜୁରୀକୁ ଶୂନ୍ୟ କରି
ହେବ ଅନ୍ତର୍ଦ୍ଧାନ

ସତବୋଲି ନିଘା କରିବାକୁ
ପଞ୍ଚସଖାଙ୍କ ପରମ ବଚନ
ଲାଗେ ଉଣା ଉଣା
ଜାଣିଛି ! ଉତ୍ତରାଧିକାରୀମାନେ
କେଉଁ କବାଡ଼ିଆକୁ ବିକ୍ରି କରୁଥିବେ,
ମୋର ସେ ପ୍ରିୟ କଳଙ୍କିଲଗା ପଂଜୁରୀ ॥

ସବୁ କୋଳାହଳ, ପ୍ରେମପ୍ରୀତି
ଫଗୁଣର ରଙ୍ଗରେ ବି
ଲାଗୁଥାଏ ଚିରକାଳ
'ମରଣ' ବୋଲି
ସାର୍ବଜନୀନ ଚିତ୍ରଗୁପ୍ତ ମୋହର
ରକ୍ତର ଆୟୁଷ୍ମାନମାନେ ସଜାଡୁଥାନ୍ତି
ଦୁରଦୁର୍ ଜଳିବା ପାଇଁ

ରଣଝଣ କାଠ
କ୍ରମଶଃ ଦାଣ୍ଡ ଅଗଣାର
ବିଧବା ପଣରେ
ଭିଡ଼ ଜମୁଥିବ
ଫାଟି ପଡୁଥିବ
ବସୁଧାର ପାଣିକାଚ ଓ
ସିନ୍ଦୂରର ଆମ୍ ପରିଚୟ ॥

ଯେତେ ଆଉଟି ପାଉଟି ହେଲେ ବି
ନିଖୋଜ ପକ୍ଷୀର ଆଉ
ସଂଧାନ ମିଳେନା
ଗଣମାଧ୍ୟମର ଅଶ୍ରୁଳ ଶ୍ରଦ୍ଧା ସୁମନରେ
ଛାପି ହୋଇଯାଏ
ଏକାଦଶାହ ଦିନ
ହସ ହସ ଚେହେରା
କିନ୍ତୁ ଚନ୍ଦ୍ରବିନ୍ଦୁ ଚିହ୍ନଟିଏ
ଲାଗିଥିବ ସେଇ ନାଁର ଅଗରେ
ହଜିଯାଏ 'ଶ୍ରୀ' ଚିରକାଳ ପାଇଁ ॥

ପକ୍ଷୀ ଖୋଜୁଥାଏ ଅନ୍ତରରୁ
ଅନ୍ତରୀକ୍ଷ
ନୀରବରେ କେଉଁ ଅଚିହ୍ନା
ଓଲଟ ବୃକ୍ଷର ଠିକଣା ॥

❑❑❑

ଏକ ସଂପାଦକୀୟ କବିତା


ପତ୍ରିକାଟିଏ ବଂଚୁ

ବାଗଦାଦ୍‌ର ନିରୀହ ମଣିଷ ଶିଶୁପରି
ଆପଣଙ୍କ ଲେଖନୀ ସ୍ପର୍ଶରେ ॥
ଲେଖା ପଠେଇବେନି ତ
ଆଉଁଷି ଦେବେ ରାମଚନ୍ଦ୍ରଙ୍କ ପରି
ଅବୋଧ ଗୁଣ୍ଡୁଚିମୂଷାର ଅଭାବପଣକୁ ॥

କୌଣସି ପତ୍ରିକାର ସଂପାଦକ
କାଳେ କାଳେ ଅନୂଢ଼ା କିଶୋରୀ ପରି
ସରୀଶୃପ ଖୁବ୍ ସନ୍ତର୍ପଣରେ
ଚଢୁଥାଏ ସମାନ୍ତରାଳ କାନ୍ଥ
କୁନ୍ତୀର ଗର୍ଭଯନ୍ତ୍ରଣା ପରାୟେ
ଛାପାଖାନାରୁ ଆସୁଥିବା ଶିଶୁ
ହାରିଯାଏ ବ୍ୟବସାୟିକ ଦ୍ୟୁତିକ୍ରୀଡ଼ାରେ

ଗୋଟେ କାଇଦାରେ ସେ ନିଃଶ୍ୱାସ ନିଏ
କେଉଁ ଗ୍ରାମୀଣ ବିପିଏଲ୍ ମଣିଷ ପରି ॥


ସତରେ ଆପଣ କେତେ ପ୍ରତିଷ୍ଠାବାନ
ଆପଣଙ୍କ ମନ ସିନା ଏକାଦେଶୀ,
ଜ୍ଞାନପୀଠ କିମ୍ବା ସାରଳା ପାଖରେ
ନଚେତ୍ ବିନୋଦ ବିହାରୀର
ସଂଭ୍ରାନ୍ତ ପ୍ରକାଶକଙ୍କ ଉଷୁମ କଫି କପ୍‌ରେ
ଆମେ ତ ନିଃସ୍ୱ ପତ୍ରିକାର ବଂଧକ
ଦିନ ଦ୍ୱିପ୍ରହରରେ ଭାତ ବଦଳରେ
ପ୍ରେସ୍ ମାଲିକ ପାଖେ



ପେଜ ପିଉଥିବା ସଂପାଦକ ॥
ପ୍ରେସ୍ ଗର୍ଭରୁ ହନୁମାନଙ୍କ ପରି
ଥରେ ଉଦ୍ଧୁରି ଆସିଲେ
ଏଜେନ୍ସି-ଜନକ ନନ୍ଦିନୀକୁ ଭେଟୁଥାଉ
ଅଶୋକ ବନରେ
ବିକ୍ରି - ଅବିକ୍ରିକୁ ନିଘା ନ ଦେଇ
ଥୋଇଦଉଁ ଅବୈଧ ମୁଦ୍ରିକା
ଏଜେନ୍ସିର କାକୁସ୍ଥ କୋଳରେ
ଅପରେସନ୍ ଟେବୁଲ୍‌ରେ କ୍ଷୀଣଶ୍ୱାସୀ
ରୋଗୀଟିଏ ପରି ॥


ସର୍ବହରା ପିଢ଼ୀତ ମଣିଷ ପାଇଁ ଲେଖୁଛ
କଥା ଓ କବିତା
ଲମ୍ବିଯାଉଛି ପ୍ରବଂଧ ଉପନ୍ୟାସର ନିରୁତା
ଆମେ ବିପିଏଲ୍ ମଣିଷ
ଆମ ପତ୍ରିକା ଆମ ମାନସ
ତେଲିଆ ମୁଣ୍ଡରେ ତେଲ ଢ଼ାଳିଲେ କି
ପୂର୍ଣ୍ଣ ହେବ ଆମ୍ ବିଶ୍ୱାସ
ମନେ ରଖୁଥିବ ଇତିହାସ ।

❐❐❐



କେବେ କେବେ ଈଶ୍ୱର ବି ମୁଦେଇ

ବାଇଧର ମୁଦୁଲି - ହାଜର ହେ ! ବାଇଧର ମୁଦୁଲି !
ଅର୍ଦ୍ଧଳିର ଡାକରା
ଭୈରବର ଛାୟାଚିତ୍ର ପରି
ଧୋତିସାଙ୍ଗରେ ଗୋଟେ ନୀଳରଂଗ ହାଫ୍‌ସାର୍ଟ
ପିନ୍ଧିଥିବା ବାଇଧର ମୁଦୁଲି
ଚିହିଁକି ପଡ଼ିଲା -
ଏଇଥି ପାଇଁ ଯେ,
ଏତେବଡ଼ ଜାଗାରେ ତା'ପରି ନିକୁଛିଆ
ବାବୁ, ଭୂୟାଁ ବି ଚିହ୍ନନ୍ତି, ଜାଣନ୍ତି । ନିଶ୍ଚି



ବୋଦାବଳିର ଦୃଶ୍ୟ
କଚେରୀର କାଠଗଡ଼ା ।
ସେଇଠି ଠିଆ ହେଲା
ରକ୍ତଶୂନ୍ୟ ମୁହଁଟିଏ, କାକୁସ୍ଥ ଠାଣିରେ
ନାଲିସ୍ କରିଛି ହାକିମଙ୍କ ପାଖରେ
ପାଉଁଜି ବଂଧା ଦେଇ
ପାଉଣା ଦେଇଛି
ଓକିଲ ବାବୁଙ୍କୁ,
ଗାଡ଼ି ଖର୍ଚ୍ଚ କରିଛି,
ରଙ୍କ ଦୋକାନରେ ମିଲ୍ ବି ଖାଇଛି
ନ୍ୟାୟ ମିଳିବ ସେବତୀକୁ
ନାବାଳିକା, ଧର୍ଷିତା, ଶାରୀରିକ ଅକ୍ଷମ ଭଅଚ'ଙ୍କୁ ॥

କହିଦେବ ଲୁହ - ଲହୁ ଭରା ଶବ୍ଦରେ
ହଜୁରଙ୍କୁ, ପେଟପାଇଁ ସ୍ୱାମୀ ସ୍ତ୍ରୀ ଥିଲେ
ଗହୀର ବିଲରେ






ବାପା

ଅଜସ୍ର ଅଂଧାର ପରେ
ଆମ ଗାଁ ମନ୍ତେଇ କୂଳର
ପୂରବା ପବନରେ
ଉଇଁ ଉଇଁ ଆସୁଥିବା
ଏକ ନିଶ୍ଚିତ ସକାଳର ପ୍ରତିନିଧି
ବାପା !

ମଧ୍ୟାହ୍ନର ସୂର୍ଯ୍ୟପରି
'ବାପା' ବୋଲି ମଣିଷଙ୍କର
ମୁଖମଣ୍ଡଳ ଯେତେ ଯେତେ ଗମ୍ଭୀର
ଶୀତୁଆ ସଂଜରେ ଲାଗୁଥାଏ
କେଉଁ ଚାଳଘର ମୂର୍ଚ୍ଛନାରୁ
ନିଗର୍ମନ ମାତ୍ର ଧୂଆଁଧାର

ହେଲେ ଆସ୍ତେ ଆସ୍ତେ କେମିତି ଲିଭିଲା
ସବୁ ସୀମା - ସରହଦର ଚିହ୍ନଟ
କେଉଁ ଖଟୁଳିଖଡ଼ାରେ ଓହ୍ଲାଇ ପଡ଼ିଲା
ବାପାଙ୍କ ଗନ୍ଧମାର୍ଦ୍ଦନ ସଂସାର

ପ୍ରତ୍ୟେକ ମୁହୂର୍ତ୍ତରେ ପକେଟ ଭିତରେ
ମୁରବୀପଣକୁ ଜାହିର୍ କରୁଥିବା
ହାତମାନେ
ଆଜିକାଲି ଆଶ୍ରା କରିନେଲେଣି
ସମୟର ଖଣ୍ଡେ ବଙ୍କୁଲିବାଡ଼ି
ଏବେ ତ ତର ସହୁଛି ସବୁରି କଥାରେ
ସେ ଯେମିତି ଦୂର ପାଟବିଲର
ଏକୁଟିଆ ତାଳଗଛ



ଆଜିକାଲି ସେ ଅଫିସ୍ ଯିବାକୁ
ଅପେକ୍ଷା କରୁନାହାନ୍ତି
କେଉଁ ନିର୍ଦ୍ଦିଷ୍ଟ ରାସ୍ତାର ମୋଟର ଗାଡ଼ି
ଷ୍ଟାଣ୍ଡର କିଛି ଦୂରରୁ ଶୁଭୁନି

ଆତ୍ମୀୟମାନଙ୍କ ଡାକରା ପରି
ବସ୍‌ର ହର୍ଣ୍ଣ
ତରତରରେ ଭୁଆଲି ପାନ ଦୋକାନରୁ
ସେ ପ୍ରସ୍ଥାନ କରୁନାହାନ୍ତି
ଝୁଲାଇ ଦେଇ ଫେରିବାର ଫଳକ
ବରଂ କେମିତି ଏକ ପ୍ରତୀକ୍ଷାରେ
ସେ ବାରବାର ଆକାଶକୁ ଚାହାନ୍ତି
'ବବ୍ରୁବାହନ - 'ଅର୍ଜୁନ'ର ଯୁଦ୍ଧ
ଅଧ୍ୟାୟ ପଢୁ ପଢୁ
ଲୁହ ପୋଛନ୍ତି ଅଜାଣତରେ ॥

ଏବେ ତ ବାପା
ଘରର କାନ୍ଥ ପରି ଥାଇ ବି
ନ ଥିଲା ପରି ଲାଗନ୍ତି
ଏକ୍ଲା ଖଟିଆରେ ତାଙ୍କ ସହ
କଥା ହେଉଥାଏ ତାଙ୍କ ନିଃସଙ୍ଗ ନିଃଶ୍ୱାସ

ଲୋଚାକୁଚା ବିଛଣା
ଧୂଳି ଜମି ଯାଇଥିବା ବହିଥାକ
ରାମାୟଣ, ମହାଭାରତ
ଶୂଦ୍ରମୁନି, ଭୀମଭୋଇ, ଜଗନ୍ନାଥ ଦାସ
ମହାପ୍ରଭୁଙ୍କର ନବକଳେବର ଫଟୋ
ସବୁରି ମଲାଟ ଉପରେ



ଗୋଟେ ଗୋଟେ ତରାଟ ଫୁଲ
ଓ ଧୂଳିରେ ରୂପାନ୍ତରିତ ଧୂପକାଠି ।

ମନ ତ କହୁଛି : ଆଖି ତ ଖୋଜୁଛି
- ମତେ ଆଉ ଥରେ ମିଳିଯାଆନ୍ତା କି
ମୋ ଶୈଶବର କଠୋର ଚିତ୍ରର ବାପାଟିଏ
ଯାହାଙ୍କ ଆଖିରେ ମିଳାଇ ଯାଏନି
ମୋ କୈଶୋରର ଆଖି

ଏବେ ତ ସେଇ ଆଖିମାନଙ୍କରେ
ନଇଁ ଯାଉଥିବା ପୁଅଡୋଳାମାନେ
ଏକ ଅବସାଦ, ବିମର୍ଷର ସତେକି ଜହ୍ନଟିଏ
ମୋ ଆଖିରେ ଓହ୍ଲାଉଥାଏ
ଓଦା ଜଡ଼ସଡ଼ ପଲକରେ
ଝର୍କା ସେପଟରେ ଥାଏ
ତମାମ ନିର୍ମାୟା ଆକାଶ ॥

❐❐❐

ଯାହା କହିବା କଥା

ଜୀବନର ନିଃସ୍ୱ ପଣ ହିଁ ସମସ୍ତଙ୍କୁ ସ୍ରଷ୍ଟା ଭାବେ ସୃଷ୍ଟି କରିଦିଏ ।

ଅସରାଏ ବର୍ଷା ଯଦି ବର୍ଷି ବର୍ଷି ଯାଏ, ମାଟିରୁ ଫୁଟି ଉଠେ ଏକ ନିରୁତା ବାସ୍ନା । ଠିକ୍ ସେଇପରି ନିଃସ୍ୱ ହୃଦୟରେ ସ୍ରଷ୍ଟାଟିଏ ଅପେକ୍ଷାରେ - ଥାଏ କେବେ ବର୍ଷିଯିବ ସେଇ ଅସରାଏ ବର୍ଷା ତା'ର କଲିଜା ମୂଳରେ ଏବଂ ସେ ମାଟି ପରି ଭିଜି ଭିଜି ଯିବ ଏକ ସଂସାରହୀନ ଭାବନାରେ,ଏକ ବାତୁଳ ଅନ୍ୟମନସ୍କତାରେ । ଯେତେ ବନ୍ଧ୍ୟା ମାଟି ହେଲେ ବି ବର୍ଷାର ବାରମ୍ବାର ସ୍ପର୍ଶରେ ତା' ଦେହରେ ଅଙ୍କୁରି ଉଠେ ନାନାଦି ବେବୁନିଆଦି, ବେନାମୀ ଉଦ୍‌ବିଦ ଏବଂ ଡଙ୍କେଇ ଯାଆନ୍ତି ଆଶ୍ରାର ଭରସା ମିଳିବା ମାତ୍ରେ ।

କବିତା ବୋଧେ ଠିକ୍ ସେଇମିତି ଏକ ଅନାହୂତ ପ୍ରକ୍ରିୟା । କେଉଁଠୁ ସେ ମଂଜି, କେଉଁ ମଂଜରୁ ଆତ୍ମପ୍ରକାଶ କରେ - ତା' କ'ଣ ଆଲେଖ୍ୟ ଭାବେ ବୁଝାଇ ହେବ ! ଖୁବ୍ ମଟ୍ଟି ପକାଏ, ବୁଂଧି ପକାଏ, ଢ଼େରେ ଲୁହ - ଲହୁ ଶୋଷିନିଏ, ରାତାରାତି ଉଜାଗର କରାଏ । ଶେଷରେ ପ୍ରସବ ବେଦନାରେ ବି ଜନ୍ତି ପକାଏ ।

ମାଟି ଭିତରେ କବିତା କେଉଁ କାଳୁ ସଂଗୁପ୍ତ- ତାହାର ଆକଳନ ଏକାନ୍ତ ଦୁଃସହ । ଭିଜା ମାଟି, ଫଟା ମାଟି, କଦର୍ମାକ୍ତ ମାଟି, ମଟାଳ ମାଟି, ଉର୍ବର - ଅନୁର୍ବର, ବାଲିଆ- ଦୋରସା, ପଥୁରିଆ - ଧୂଳିଆ ଭିନ୍ନ ଭିନ୍ନ ରୂପରେ ମାଟି ବୋଧେ ସଜେଇ ହୋଇଥାଏ । ସବୁ ମାଟିର ନିଃଶ୍ୱାସରେ ଅକ୍ଷର ଭର୍ତ୍ତି ହୋଇ ରହିଥାଏ । ନିରୋଳା, ନିସ୍ତବ୍ଧ ରାତିରେ କବିଟିଏ ସେ ମାଟିର ଛାତିରେ କାନ ଦେଇ ଶୁଣେ ଅନନ୍ତ ଓ ଅନ୍ତର ପ୍ରସାରୀ କବିତାର ସ୍ୱର ।

ବେଳେବେଳେ ମାଟିମାନେ ଖୁବ୍ ନିଃସ୍ୱ ନିଃସ୍ୱ ଲାଗନ୍ତି । ପିଠିରୁ ଶାଢ଼ୀ ଖୋଲି ଦେଖାନ୍ତି କେମିତି ସେମାନଙ୍କ ଶ୍ୟାମଳ ରଙ୍ଗକୁ କାଠମାଫିଆମାନେ ଚୋରାଇ ନେଇ ପ୍ରତାରିତ କରିଛନ୍ତି । କେମିତି ଡ଼ିନାମାଇଟ୍ ଫଟାଇ ଦେଉଛନ୍ତି ସେମାନଙ୍କ ସରଳ, ନିଷ୍କପଟ ଛାତିରେ, ରାତିଦିନ । କେମିତି ଶୂନ୍ୟଗର୍ଭା ପାଲଟି ଯାଉଛି ଉର୍ବରା ଗାଂଗେୟ ସମତଳ ଭୂମି କ୍ରମଶଃ କ୍ରମଶଃ ।

ଅତଏବ ମାଟି ଏକ ନିରୋଳା ଭୌଗଳିକ ଉଚ୍ଚାରଣ ନୁହେଁ । ବରଂ ଏକ ଜାତି ପରିଚୟର ଇତିବୃତ୍ତ । ସବୁମାଟିରେ ଜୀବନ ଥାଏ, ସବୁ କବିତାରେ ଯେପରି ନିଃଶ୍ୱାସ - ପ୍ରଶ୍ୱାସ ଚାଲେ ।

ମାଟି ଯୋଖିଛି ଗଛକୁ, ଗଛ ଯୋଡ଼ିଛି ପ୍ରାଣୀଙ୍କୁ ।

ଗଛର ଡାଳ - ଫଳ, ଚେରମୂଳରେ ଭର୍ତ୍ତି ହୋଇଥାଏ ଖାଦ୍ୟ- ଜଳ । ଯେଉଁ ମଣିଷ ତା' ବକ୍କଳ ପିନ୍ଧି ପ୍ରଥମେ 'ନ୍ୟୁଡ଼ିଟି'ରୁ ମୁକ୍ତି ପାଇଲା, ସେଇଗଛ ଶିଖାଇଲା 'ମଂଜିଟିଏ ମୋ ଗର୍ଭର ମାଟିକୁ ଛୁଇଁଲେ ଉତୁରି ଆସିବ, ତୋ ବଂଚିବାର ନବ-ଜାତକ । ସେଥିପାଇଁ

ତ ଦାରୁ ସହିତ ସଂଲଗ୍ନିତ ହୋଇଗଲା ମହାକାଳ ବ୍ରହ୍ମ ।

ଜୀବନ ଥିବାରୁ ମାଟି କାନ୍ଦେ ତା' ଗଛ ପାଇଁ, ତା' ଜୀବମାନଙ୍କ ପାଇଁ । ଝୁଣା ମେଂଚେ କି ଲାଖ ଖଣ୍ଡେରେ ଜୀବନ ଜୀଆଁଉ ଥିବା ମଣିଷର ଟପ୍‌ଟପ୍ ଲୁହ ମାଟିକୁ ଛୁଇଁଲେ ମାଟିମାଆ କାନ୍ଦେ । ବୈଧବ୍ୟ ଯନ୍ତ୍ରଣାରେ ଜଙ୍ଗଲ ଭିତରେ ଗୀତଟିଏ ଛୁଟେ । ବଖରା ଜମିକୁ ପାରିଲା ପୁଅ ପଣରେ ଆପଣେଇ ନେଇଥିବା ବାଇଧର ମୁଦୁଲି, ଖଗେଶ୍ୱର ଲାକ୍ରା କି ଚତୁର୍ଭୂଜ ମାଝୀମାନେ ସାମାଜିକ ନ୍ୟାୟ ପାଇଁ ହାତ ପାତନ୍ତି । ନ ମିଳିଲେ ହାତଯୋଡ଼ି କୁକୁସ୍ଥ ହୁଅନ୍ତି । ଲୁହର ଶ୍ରାବଣ ଛୁଟେ । ତଥାପି ସମ୍ରାଟମାନେ ଚିରକାଳ ଉଦାସ ଉଦାସ । ଶେଷରେ ବାଇଧର ମୁଦୁଲି କଚେରୀରୁ ଫେରେ ଗାଁକୁ ଯାଉଥିବା ଶେଷ ମଟର ଗାଡ଼ିରେ, ଖଗେଶ୍ୱର ଲାକ୍ରା ଟଳି ପଡ଼େ ହିଡ଼ ମୁଣ୍ଡରେ, ବନ୍ୟାର ଆତଙ୍କ ମଧ୍ୟରେ ଭଙ୍ଗା କୁଡ଼ିଆଟିରେ ଆସ୍ତେ ଆସ୍ତେ ନିଃଶ୍ୱାସ ନେଉଥାଏ ଚତୁର୍ଭୂଜ ମାଝୀ । ବାଦାୟୁଁନର ଆମ୍ବଗଛରେ ଓହଳି ପଡ଼ିଥିବା ଦୁଇ ହରିଜନ ଯୁବତୀଙ୍କର ଲଙ୍ଗଳା ଦେହରେ ଆଙ୍କି ହୋଇଯାଏ ଯୌନ- ବ୍ୟଭିଚାରର ଆଦିମ - ନକ୍ସା ।

'ନିଃସ୍ୱ ମାଟିର ସ୍ୱର' ମୋର ଦ୍ୱିତୀୟ କବିତା ସଂକଳନ । ପ୍ରଥମରୁ କହି ରଖେ- କବି ବୋଲି ଦାବୀ କରି କେବେବି କବିତା ଲେଖିନି । ଜିଦ୍ କରି ବହିଟିଏ ଛାପୁନି । ବେଳେବେଳେ ମୋ ଭିତରେ ଉନୁଖ ହୋଇ ଭୂମିଷ୍ଠ ହେବା ଲାଗି ସଦା ଜଂଜାଳ କରୁଥିବା ଶବ୍ଦମାନଙ୍କୁ କେବଳ ଯା' ଆପଣେଇ ନେଇଛି, ଏକ ଦରଦୀ ହୃଦୟରେ । ଯଦିଓ ପ୍ରକାଶିତ କବିତା ମଧ୍ୟରୁ ଦୁଇ / ତିନୋଟି ବାଦ୍ ଦେଲେ ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠିତ / ସମ୍ଭ୍ରାନ୍ତ ପତ୍ର- ପତ୍ରିକାରେ ପ୍ରାୟ ସମସ୍ତ କବିତା ପ୍ରକାଶ ପାଇଛି । ସମସ୍ତ ସଂପାଦକ/ ପ୍ରକାଶକମାନଙ୍କୁ ମୋର ହୃଦୟଭରା କୃତଜ୍ଞତା ।

ଅନୁଜପ୍ରତିମ ଶିଳ୍ପୀ ଚୂଡ଼ାମଣି, ରବି ମହାପାତ୍ର, ମା' ସନ୍ତୋଷୀ କମ୍ପ୍ୟୁଟର ଏବଂ ଅକ୍ଷର ରୂପରେ ଜୀବନ୍ୟାସ ଦେଇଥିବା ଅନୁଜା ଝିଲ୍ଲୀ ହିଁ ଏ ପ୍ରକାଶନର ଅନ୍ତରାଳରେ ବଂଶୀବାଦକ / ଉଦ୍‌ଘୋଷିକା । ଶେଷରେ ପ୍ରକାଶକ ଆଦରଣୀୟ ଚନ୍ଦ୍ରମଣି ଭୂୟାଁଙ୍କର ଆଦର ଓ ଆଗ୍ରହ ମୋତେ ପ୍ରଲୁବ୍ଧ କରିଛି - ସେଥିପାଇଁ ତାଙ୍କୁ ଅସରନ୍ତି ଧନ୍ୟବାଦ ।

କବିତା ଲେଖିଲା ବେଳେ କେବେ ଭାବି ନ ଥାଏ - ଯେ'କୁ କିଏ ପଢ଼ିବ ! 'ହେଉ ହେଉ ହେଇଗଲା' ନ୍ୟାୟରେ ଆପଣଙ୍କ ହାତରେ ପହଞ୍ଚିଗଲା 'ନିଃସ୍ୱ ମାଟିର ସ୍ୱର' । ସେ ସ୍ୱର କେମିତି ଆପଣଙ୍କୁ ଶୁଭିବ, ମୁଁ ଶୁଭେନା । ଗାଳି ଦେବେ କି ତାଳି ମାରିବେ - ସମୟ କହୁ କି ନ କହୁ, ମୁଁ ବେଜାଏ ଖୁସି ହେବି ।

ବିନୀତ

ବିଷ୍ଣୁସେଠୀ